## ୭ ବାଇକ୍‌କୁ ପିଟିଲା ହାଇଡ୍ରା

ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଝାଙ୍କର): ରବିବାର ରାତି ୮ଟାରେ ବଲାଙ୍ଗୀର ସହର ସୁଦପଡା ବାଇପାସ୍ ରାସ୍ତା କଡ ଏକ ବିବାହ ମଣ୍ଡପ ସମ୍ମୁଖରେ ଥିବା ୭ଟି ବାଇକ୍ ଉପରେ ଏକ ହାଇଡ୍ରା ଭାରସାମ୍ୟ ହରାଇ ମାଡିଯିବାରୁ ଏହା ଭାଙ୍ଗି ଯାଇଛି। ଏହି ଦୁର୍ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା।

## ସଂକ୍ଷେପରେ

### ପାନୀୟ ଜଳ ପ୍ରକଳ୍ପର କେବୁଲ ଚୋରି ଅଭିଯୋଗ

ଲୋଇସିଂହା,୨୦।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କର୍ଲପାଟ ଗ୍ରାମରେ ଥିବା ପାନୀୟ ଜଳ ପ୍ରକଳ୍ପର କେବୁଲକୁ କେହି ଦୁର୍ବୃତ୍ତ ଚୋରି କରି ନେଇଛି। ଫଳରେ ପ୍ରକଳ୍ପରୁ ଜଳ ଯୋଗାଣ ବନ୍ଦ ରହିଛି। ଏନେଇ ଗ୍ରାମବାସୀ ଲୋଇସିଂହା ସରପଞ୍ଚଙ୍କୁ ଲିଖିତ ଭାବେ ଜଣାଇଥିଲେ। ସରପଞ୍ଚ ନବକିଶୋର ନାଏକ ସମସ୍ୟା ନେଇ ବିଡ଼ିଓ ଓ ପୋଲିସର ଦୃଷ୍ଟି ଆକର୍ଷଣ କରିବାକୁ କୁଆଡେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଇତିମଧ୍ୟରେ ୧୦ ଦିନ ବିତି ଯାଇଥିଲେ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇନାହିଁ। ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

# ‘ଶିକ୍ଷାନୀତିର ପରିବର୍ତ୍ତନ ବିଶ୍ୱସ୍ତରୀୟ ହେବା ଉଚିତ୍’

### ମାସିକ ରଚନା ସନ୍ଧ୍ୟା ଆଲୋଚନାଚକ୍ର

ବଲାଙ୍ଗୀର,୨୦।୪(ବୀରେନ୍ଦ୍ର କୁମାର ଝାଙ୍କର)

ସମୟ ସହ ତାଳ ଦେବାକୁ ହେଲେ ବୈଶ୍ୱିକ ପରିବର୍ତ୍ତନ ଉପରେ ନଜର ରଖିବାକୁ ପଡିବ। ଦେଶର ଶିକ୍ଷାନୀତିକୁ ସେହି ସ୍ତରର କରିବାକୁ ପଡିବ। ନିଜ ଦେଶର ସଂସ୍କୃତି, ପରମ୍ପରା ଓ ନୈତିକ ମୂଲ୍ୟବୋଧର ସୁରକ୍ଷା ଦିଗରେ ଶିକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ତେବେ ବୈଶ୍ୱିକ ସ୍ତରରେ କ’ଣ ଚାଲିଛି ଏବଂ ଏହି ପ୍ରତିଯୋଗିତାମୂଳକ ବିଶ୍ୱରେ ତାଳ ଦେବାକୁ ହେଲେ ଦେଶର ଅଗଣିତ ଛାତ୍ରୀଛାତ୍ରଙ୍କୁ ବିଶ୍ୱସ୍ତରୀୟ ଶିକ୍ଷା ଯୋଗାଇବାକୁ ହେବ ବୋଲି ରଚନା ମାସିକ ସନ୍ଧ୍ୟାରେ ଆଲୋଚକ ଭାବେ ଯୋଗ ଦେଇଥିବା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ପ୍ରତାପ କୁମାର ଦାଶ କହିଥିଲେ।

ସମାଜ–ସାହିତ୍ୟ–ସଂସ୍କୃତି କ୍ଷେତ୍ରରେ କାର୍ଯ୍ୟରତ ବଲାଙ୍ଗୀରର ଅନ୍ୟତମ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରଚନା ପକ୍ଷରୁ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ‘ଜାତୀୟ ଶିକ୍ଷା ନୀତି ୨୦୨୦: ଆଶା ଓ ଆଶଙ୍କା’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ଅତିଥି ବକ୍ତା ଭାବେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡ. ଦାଶ ଆହୁରି କହିଥିଲେ, ନୂଆ ଜାତୀୟ ଶିକ୍ଷାନୀତିରେ ଅନେକ କିଛି ପରିବର୍ତ୍ତନ କରାଯାଇଛି। ପରିବର୍ତ୍ତନ ସମୟର ଆହ୍ୱାନ। ନୂଆ ଜାତୀୟ ଶିକ୍ଷାନୀତିରେ ନୂଆ ସଂକଳ୍ପ ରହିଛି। ତେବେ କିଛି ପ୍ରଶ୍ନର ଉତ୍ତର ଏବେ ବି ମିଳୁନାହିଁ। ଯେଭଳି ନୂଆ ଶିକ୍ଷାନୀତି ଧନୀ–ଗରିବ ବୈଷମ୍ୟ କମାଇବ କି, ସରକାରୀ ସ୍କୁଲର ପ୍ରାଧାନ୍ୟ ବଢାଇବା ସହ ବ୍ୟବସାୟିକ ଶିକ୍ଷା କମାଇବ କି, ଏଭଳି ଅନେକ ପ୍ରଶ୍ନର ଉତ୍ତର ଦେବାରେ ଏହା ସନ୍ଦିହାନ ରହିଛି। ତେବେ ବି ଆମେ ନୂଆ ସଂକଳ୍ପର ସଫଳତା ଦିଗରେ ଅନେକ କିଛି ନୂଆ ଆଶା ନେଇ ଆଗକୁ ବଢିବା ବୋଲି ସେ କହିଥିଲେ। ଅନ୍ୟତମ ଆଲୋଚକ ଭାବେ ଯୋଗ ଦେଇଥିବା ସ୍ଥାନୀୟ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସୁଧୀର ସାହୁ ବାଲବାଟିକା ଓ ସ୍କୁଲ ସ୍ତରରେ ଏବଂ ଉଚ୍ଚ ଶିକ୍ଷା କ୍ଷେତ୍ରରେ ନୂଆ ଶିକ୍ଷାନୀତିର ଆବଶ୍ୟକତା, ଉପାଦେୟତା ଓ ଅସୁବିଧାଗୁଡ଼ିକର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରିଥିଲେ। ଆଲୋଚନାଚକ୍ରକୁ ରଚନାର ବରିଷ୍ଠ ସଦସ୍ୟ ଅଧ୍ୟାପକ ଜୟକୁମାର ଆଚାର୍ଯ୍ୟ ସଂଯୋଜନା କରିଥିଲେ। ସଭାପତି ସନାତନ ଠାକୁରଙ୍କ ସଭାପତିତ୍ୱରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଠାରେ ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ସହରର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ଶେଷରେ ସଭାପତି ଠାକୁର ଧନ୍ୟବାଦ ଦେଇଥିଲେ।


ଆଲୋଚନାଚକ୍ରରେ ମଞ୍ଚାସୀନ ଆଲୋଚକ ଓ ଅନ୍ୟମାନେ।

# ବଜ୍ରପାତରେ ୨ ଜଣଙ୍କ ମୃତ୍ୟୁ

ସଇଁତଲା/ବେଲପଡ଼ା,୨୦।୪ (ରାଖାଲ ପ୍ରସାଦ ଶତପଥୀ/ ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲାର ପୃଥକ୍ ସ୍ଥାନରେ ବଜ୍ରପାତ ଘଟି ରବିବାର ୨ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଅପରାହ୍ଣ ପ୍ରାୟ ୪ଟା ସମୟରେ ସଇଁତଲା ଅଞ୍ଚଳରେ ବଜ୍ରପାତରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ନେହଲତା ବୁଡେକ (୬୫)। ସଇଁତଲା ବ୍ଲକ କରମତଲା ପଞ୍ଚାୟତ ଅନ୍ତର୍ଗତ ତୁଷ୍ଟାପାଲି ଗ୍ରାମର ସ୍ନେହଲତା ଓ ଗୌରାଙ୍ଗ ଦଳପତି ଗାଁ ନିକଟ ବିଲକୁ ଛେଳି ଚରାଇବାକୁ ଯାଇଥିଲେ। ଏହି ସମୟରେ ବର୍ଷା ହେବା ସହ ବଜ୍ରପାତ ହୋଇଥିଲା। ବଜ୍ରପାତରେ ସ୍ନେହଲତା ଅଚେତ ହୋଇ ପଡ଼ି ଯାଇଥିଲେ। ତାଙ୍କ ସହ ଯାଇଥିବା ଗୌରାଙ୍ଗ ତଳେ ପଡ଼ିଯାଇଥିଲେ ମଧ୍ୟ କୌଣସିମତେ ଉଠି ଘରକୁ ଆସିଥିଲେ। ଏହା ଜାଣିବା ପରେ ସ୍ନେହଲତାଙ୍କ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ସ୍ନେହଲତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ସୋମବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସଇଁତଲା ଥାନା ଏସ୍‌ଆଇ ଆଲୋକ ଭୋଇ କହିଛନ୍ତି।

ସେହିପରି ବଜ୍ରପାତରେ ବେଲପଡ଼ା ଥାନା ଅନ୍ତର୍ଗତ ସରମୁହାଣ ଗାଁର ଜଣେ ଟ୍ରାକ୍ଟର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗଙ୍ଗାଧର ଧରୁଆ (୩୦)। ରବିବାର ଭୋର ସମୟରେ ଗଙ୍ଗାଧର ବାଗଦୋର ଗ୍ରାମସ୍ଥିତ ଭରୁଆପଡାକୁ ଟ୍ରାକ୍ଟର ନେଇ ଯାଇଥିଲେ। ସେଠାରେ ଏକ ଚାଷଜମିରେ କାମ କରୁଥିବା ବେଳେ ଅପରାହ୍ଣ ପ୍ରାୟ ୪ଟାରେ ବର୍ଷା ସହ ବଜ୍ରପାତ ହେବାରୁ ସେ ଟ୍ରାକ୍ଟରରୁ ତଳେ ପଡ଼ିଯାଇଥିଲେ। ଫଳରେ ଘଟଣାସ୍ଥଳରେ ଗଙ୍ଗାଧରଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି। ଉକ୍ତ ଟ୍ରାକ୍ଟରର ମାଲିକ ଆନ୍ଧ୍ରର ବୋଲି ଜଣାପଡିଛି। ମୃତକଙ୍କ ସ୍ତ୍ରୀ, ୨ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଘଟଣାସ୍ଥଳରେ ମୃତଦେହ ପଡିଥିବା ଜାଣିବାକୁ ମିଳିଛି।

### ଦାବି ପୂରଣ ନ ହେଲେ ଡିଭିଜନ ଅଫିସ ଘେରାଉ ଚେତାବନୀ

**ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ**

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ପାଟଣାଗଡ଼,୨୦।୪(ସଚ୍ଚିଦାନନ୍ଦ ମହାକୁର)

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପାଟଣାଗଡ଼ ଡିଭିଜନର କର୍ମକର୍ତ୍ତାମାନେ ଶନିବାର ଦିନ ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ କେନ୍ଦୁପତ୍ର ଡିଭିଜନ ଡିଏଫଓଙ୍କୁ ପ୍ରଦାନ କରିଛନ୍ତି। ରାଜ୍ୟ କେନ୍ଦୁପତ୍ର କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଶିବାନନ୍ଦ ପରିଚ୍ଛାଙ୍କ ନେତୃତ୍ୱରେ ସିଜିନାଲ ଓ ବନ୍ଧେଇ କର୍ମଚାରୀଙ୍କ ସମେତ ମୁନସି, ଚପରାଶି, ଚେକର ଓ କେନ୍ଦୁପତ୍ର ତୋଳାଳି ଉକ୍ତ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ୨୦୨୪ ଜୁଲାଇ ୧୮ରେ କେନ୍ଦୁପତ୍ର କର୍ମଚାରୀଙ୍କ ପାଇଁ ଲାଗୁ କରାଯାଇଥିବା ସର୍ବନିମ୍ନ ମଜୁରି ପ୍ରଦାନ, ପତ୍ର ତୋଳାଳି, ବନ୍ଧେଇ ଶ୍ରମିକ ଓ ଅନ୍ୟାନ୍ୟ ଶ୍ରମିକଙ୍କ ଦୁଇଟି କନ୍ୟା ବିବାହ ପାଇଁ ୨୫ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରତିଶ୍ରୁତି ପୂରଣ, ୯୫ ଜଣ ସ୍ଥାୟୀ ୱାଚର ପଦବୀ ପୂରଣ ଆଦି ଉଲ୍ଲେଖ ରହିଛି। ଦାବି ପୂରଣ ନହେଲେ କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳିଙ୍କୁ ନେଇ ଆଗାମୀ ଦିନରେ ଡିଭିଜନ ଅଫିସ ଘେରାଉ କରାଯିବ ବୋଲି ସଂଘର ସାଧାରଣ ସମ୍ପାଦକ ପରିଚ୍ଛା ଚେତାବନୀ ଦେଇଛନ୍ତି।

# କ୍ଷତିପୂରଣ ଦାବିରେ ଉପଜିଲାପାଳଙ୍କୁ ଭେଟିଲେ ଅଞ୍ଚଳବାସୀ


ଉପଜିଲାପାଳଙ୍କ ଅଫିସ ଆଗରେ ଅଞ୍ଚଳବାସୀ।

### କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି

ପାଟଣାଗଡ,୨୦।୪(ସଚ୍ଚିଦାନନ୍ଦ ମହାକୁର)

କାଳବୈଶାଖୀ ପ୍ରଭାବରେ ପାଟଣାଗଡ ବ୍ଲକର ଯୋଗିମୁଣ୍ଡା, ବାଲିପଟା, ସାଲେପାଲି, କେନ୍ଦୁମୁଣ୍ଡି, ବଥର୍ଲା, ମୁଣ୍ଡୋମହୁଲ ଓ ଗଙ୍ଗାସାଗର ଗ୍ରାମପଞ୍ଚାୟତର ଅନେକ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଫଳରେ ରବିବାର ଅଞ୍ଚଳବାସୀ କ୍ଷତିପୂରଣ ଦାବିରେ ପାଟଣାଗଡ ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଦିନ ଅଫିସ ଛୁଟିଥିବାରୁ ଗିରିରାଜ ଭୋଇଙ୍କ ନେତୃତ୍ୱରେ କ୍ଷତିଗ୍ରସ୍ତ ଲୋକେ ତାଙ୍କ ବାସଭବନକୁ ଯାଇ ଏ ବିଷୟରେ ଅବଗତ କରବା ସହ ଯଥାଶୀଘ୍ର ଉପଯୁକ୍ତ ତଦନ୍ତ କରି କ୍ଷତିପୂରଣ ଦେବାକୁ ଦାବି କରିଥିଲେ। ପ୍ରକାଶ ଯେ, ଗତ ୧୮ ତାରିଖ ସନ୍ଧ୍ୟାରେ ହୋଇଥିବା କାଳବୈଶାଖୀରେ ଉପରୋକ୍ତ ପଞ୍ଚାୟତର ଅନେକ ଲୋକଙ୍କ ଚାଳ ଘରର ଛପର ଉଡିଯାଇଛି। ଜୋରରେ ପବନ ବହିବାରୁ ଅନେକ ସ୍ଥାନରେ ବଡ଼ ବଡ଼ ଗଛ ଓ ବିଦ୍ୟୁତ ଖୁଣ୍ଟ ଭାଙ୍ଗି ପଡିଛି। ଗଛ ପଡିବା ଦ୍ୱାରା ରାସ୍ତା ଅବରୋଧ ହୋଇଥିବା ବେଳେ ବିଦ୍ୟୁତ ଯୋଗାଣ ବ୍ୟାହତ ହୋଇଥିଲା। ଏବେ ବି କେତେକ ଗାଁରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ ହୋଇନାହିଁ। ଗାଁଗୁଡିକରେ ଚାଷ ହୋଇଥିବା ବିଭିନ୍ନ ପନିପରିବା ଫସଲ ନଷ୍ଟ ହୋଇଛି। ଫଳରେ ଚାଷୀ ମହଲରେ ହତାଶଭାବ ଦେଖାଦେଇଛି। ଏପରିକି କେନ୍ଦୁମୁଣ୍ଡି ଗାଁର ଜଣେ ଯୁବକଙ୍କ ଉପରେ କାନ୍ଥ ପଡିଯିବା ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଅଦ୍ୟାବଧି କୌଣସି ସରକାରୀ କର୍ମଚାରୀ ଘଟଣାସ୍ଥଳ ପରିଦର୍ଶନ କରି ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ଘୂରି ବୁଲୁଛି ଏକୁଟିଆ ଦନ୍ତା ହାତୀ: ଲୋକେ ଆତଙ୍କିତ

ଲୋଇସିଂହା,୨୦।୪(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲାର ଲୋଇସିଂହା ଓ ପାଟଣାଗଡ଼ ସୀମାନ୍ତରେ ଏକ ଦନ୍ତା ହାତୀ ଘୁରି ବୁଲୁଛି। ଏହା ଜାଣିବା ପରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଗତ କିଛି ଦିନ ତଳେ ସୋନପୁର ରେଞ୍ଜ ଦେଇ ଲୋଇସିଂହା ରେଞ୍ଜକୁ ଉକ୍ତ ହାତୀ ପଶି ଆସି ଭାଲୁପାଲି ଓ ବାଦିବାହାଲ ଗ୍ରାମର କେତେଜଣ ଚାଷୀଙ୍କ ରବି ଧାନ ଫସଲ ନଷ୍ଟ କରିଥିଲା। ପରେ ରେଞ୍ଜ ଅଧୀନ ଆଗଲପୁର ବ୍ଲକ ଛେଲିଆପାଟ ଜଙ୍ଗଲ ଦେଇ ପଡୋଶୀ ବରଗଡ ଜିଲା ପଦ୍ମପୁର ରେଞ୍ଜ ଗାଇସିଲାଟ ଅଞ୍ଚଳକୁ ଚାଲି ଯାଇଥିଲା। ଗତ ବୁଧବାର ଗାଇସିଲାଟ ବ୍ଲକ ତୁର୍ଙ୍ଗା ଗ୍ରାମର ୨ ଜଣ ମହିଳା ମହୁଲ ଗୋଟାଇବାକୁ ଯାଇଥିବା ବେଳେ ଦନ୍ତା ହାବୁଡରେ ପଡିବାରୁ ସେମାନଙ୍କୁ ଦଳି ମାରି ଦେଇଥିଲା। ଶନିବାର ହାତୀ ସେଠାରୁ ଆସି ଲୋଇସିଂହା ପାଟଣାଗଡ ରେଞ୍ଜ ସୀମାନ୍ତର ବିଭିନ୍ନ ଅଞ୍ଚଳରେ ଘୁରି ବୁଲୁଥିବା ସ୍ଥାନୀୟ ଲୋକେ ଦେଖି ଭୟଭୀତ ଅବସ୍ଥାରେ ରହିଛନ୍ତି। ରବିବାର ହାତୀ ପାଟଣାଗଡର ଖୋଲାନ ଅଞ୍ଚଳକୁ ଚାଲି ଯାଇଥିବା ସରଗାଡ ଫରେଷ୍ଟର ସମୀର ମହାପାତ୍ର କହିଛନ୍ତି।

### ମନହୀରା ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ


ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ମନହୀରାଠାରେ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

ବଲାଙ୍ଗୀର,୨୦।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକସ୍ଥିତ ମନହୀରା ପଞ୍ଚାୟତର ମନହୀରା ଓ ବଘାପାଲି ଗାଁରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପକୁ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଉଦ୍‌ଘାଟନ କରିଥିଲେ। ମନହୀରା ସରପଞ୍ଚ ରମ୍ଭା ରଣାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ମିଶ୍ର ତାଙ୍କ ବକ୍ତବ୍ୟରେ ଲୋକଙ୍କ ଭିତରେ ଏକତା ଥିଲେ କୌଣସି ବିକାଶମୂଳକ କାମକୁ କେହି ଅଟକାଇ ପାରିବେ ନାହିଁ ବୋଲି କହିଥିଲେ। ମନହୀରାଠାରେ ଯୁବକମାନଙ୍କ ପାଇଁ ଏକ କ୍ଲବ ଘର, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପାଇଁ କମ୍ୟୁନିଟି ହଲ ଏବଂ ଟେରାକୋଟା ଭବନ ଉଦ୍‌ଘାଟନ କରିଥିଲେ। ଏହି ଗାଁକୁ ପାଇପ ଯୋଗେ ଘରକୁ ଘର ପିଇବା ପାଣିଦେବା ପାଇଁ ୩ ବର୍ଷ ପୂର୍ବେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସକମା ସମିତି ସଭ୍ୟ ସଞ୍ଜୀବ ପ୍ରଧାନ, ଲକ୍ଷ୍ମୀନାରାୟଣ ନାଏକ, ସରୋଜ ପ୍ରଧାନ, ଚନ୍ଦ୍ରମଣି ରଣା, ରଘୁରାଜ ରଣା, ରବୀନ୍ଦ୍ର ଭୋଇ, ଲୋକେଶ୍ୱର ଭୋଇ, ସ୍ୱୟଂ ସହାୟକ ଗୋଷ୍ଠୀ ସୁବୁନୀ ସାହୁ, ପ୍ରାଣବନ୍ଧୁ ମିଶ୍ର, ହରିଶ୍ଚନ୍ଦ୍ର ମିଶ୍ରଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

### ପୂର୍ବତନ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦୀକ୍ଷିତଙ୍କ ପରଲୋକ

ବଲାଙ୍ଗୀର,୨୦।୪(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ପତିତ ପାବନ ଏକାଡେମୀର ପୂର୍ବତନ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦୀକ୍ଷିତ (୮୧)ଙ୍କ ରବିବାର ଅପରାହ୍ଣରେ ପରଲୋକ ଘଟିଛି। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ସେ ଗତ ଦୁଇଦିନ ତଳେ ସମ୍ବଲପୁରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି



ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ଜଣେ ଆଦର୍ଶ ଶିକ୍ଷକ, ଅମାୟିକ ବ୍ୟକ୍ତି, ପ୍ରବୀଣ କ୍ରୀଡାବିତ୍ ଭାବେ ସେ ସହରରେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ, ତିନି ପୁଅ ଶଶୀଭୂଷଣ, ନିଶାନ୍ତ, ପ୍ରଶାନ୍ତ, ପୁତ୍ରବଧୂ, ଦୁଇ ଝିଅ, ଜ୍ୱାଇଁ ଉପସ୍ଥିତ ଥିଲେ। ୨୦୦୩ ମସିହାରେ ସେ ପ୍ରଧାନ ଶିକ୍ଷକ ପଦରୁ ଅବସର ଗ୍ରହଣ କରିଥିଲେ। ଅବସର ପରେ ସେ ବଲାଙ୍ଗୀରରେ ଏକ ପବ୍ଲିକ ସ୍କୁଲ ପ୍ରତିଷ୍ଠା କରି ଜୀବନର ଶେଷ ପର୍ଯ୍ୟନ୍ତ ଗୁଣାତ୍ମକ ଶିକ୍ଷାର ଅଭିବୃଦ୍ଧି ଦିଗରେ କାର୍ଯ୍ୟ କରିଥିଲେ। ସ୍ୱର୍ଗତ ଦୀକ୍ଷିତ ଜାଭେଲିନ୍ ଆଥ୍‌ଲେଟ୍ ଭାବେ ସଫଳତା ଅର୍ଜନ କରିଥିଲେ। ସେ ଏସିଆନ୍ ଗେମ୍ସରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ସ୍ୱର୍ଗତ ଦୀକ୍ଷିତ ସୁବର୍ଣ୍ଣପୁର ଜିଲାର ଚେରୁପାଲି ହାଇସ୍କୁଲ, ବଲାଙ୍ଗୀର ଟାଉନ୍ ହାଇସ୍କୁଲ ଏବଂ ପତିତପାବନ ଏକାଡେମୀରେ ଶିକ୍ଷକତା କରି ଜଣେ ଛାତ୍ରବତ୍ସଳ ଶିକ୍ଷକ ଭାବେ ଜଣାଶୁଣା ଥିଲେ। ବିଭୂତିପଡା ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ବଡପୁଅ ଶଶୀ ମୁଖାଗ୍ନି ଦେଇଥିଲେ।

# ତହସିଲଦାର ଓ ଜନପ୍ରତିନିଧି ବୁଲି ତଦାରଖ କଲେ କ୍ଷୟକ୍ଷତି

### ବନ୍ଧପଡ଼ା ଅଞ୍ଚଳରେ କାଳବୈଶାଖୀ

ଦେଓଗାଁ,୨୦।୪(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବନ୍ଧପଡା ତଥା ଆଖାପାଖ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ରବିବାର ପୂର୍ବାହ୍ଣରେ ତହସିଲଦାର ନର୍ମଦା ନାୟକ, ଅତିରିକ୍ତ ତହସିଲଦାର ସନ୍ତୋଷ ବେହେରା, ରାଜସ୍ୱ ନିରୀକ୍ଷକଙ୍କ ସମେତ ବ୍ଲକ ଅଧକ୍ଷ ଦୟାନିଧି ଖମାରୀ, ସରପଞ୍ଚ ସଂଘ ସଭାପତି ତଥା ବନ୍ଧପଡା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର,ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଶଶୀ ପାଣିଗ୍ରାହୀ ପ୍ରମୁଖ ବନ୍ଧପଡା,ଧଣ୍ଡାମାଲ, ସିଂହାମୁଣ୍ଡା, ଦେଷଣ୍ଡ, ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗାଁ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେମାନେ କ୍ଷୟକ୍ଷତିର ତଦାରଖ କରିଛନ୍ତି। ଉକ୍ତ ପଞ୍ଚାୟତ ଗୁଡିକରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟାରୁ ୮ଟା ମଧ୍ୟରେ ଝଡତୋଫାନ ସାଙ୍ଗକୁ କୁଆପଥର ମାଡ ହୋଇଥିଲା। ଜୋରରେ ପବନ ବହିବାରୁ ଅନେକ ପୁରୁଣା ଗଛ ଉପୁଡି ପଡିବା ସହ କେତେକ ସ୍ଥାନରେ ଗଛଡାଳ ଭାଙ୍ଗି ଘର ତଥା ଦୋକାନ ଉପରେ ପଡି କ୍ଷୟକ୍ଷତି ହୋଇଥିଲା। ଏହାଛଡା ପନିପରିବା ଫସଲ, ଧାନ, ଆମ୍ବ ସମେତ କେନ୍ଦୁପତ୍ର ନଷ୍ଟ ହୋଇଯାଇଛି। ତହସିଲଦାର ନାୟକ ଅଞ୍ଚଳ ବୁଲିବା ପରେ ଉଚିତ୍ କ୍ଷତିପୂରଣ ପ୍ରଦାନ ପାଇଁ ଚେଷ୍ଟା କରାଯିବ ବୋଲି ସୂଚନା ଦେଇଥିଲେ।


ବନ୍ଧପଡ଼ାରେ କ୍ଷୟକ୍ଷତିର ତଦାରଖ କରୁଛନ୍ତି ତହସିଲଦାର ଓ ଜନପ୍ରତିନିଧି।

# ବାନ୍ଧକଳାକୁ ବିଶ୍ୱସ୍ତରରେ ପହଞ୍ଚାଇବା ଉଦ୍ୟମ ହେବ: ଉପମୁଖ୍ୟମନ୍ତ୍ରୀ

### ଅରୁନ୍ଧତୀ ବାନ୍ଧକଳା ହସ୍ତତନ୍ତ ଗବେଷଣା, ଉନ୍ନୟନ ଓ ପ୍ରସ୍ତୁତି କେନ୍ଦ୍ରର ଶିଳାନ୍ୟାସ

ସୋନପୁର,୨୦।୪(ମୃତ୍ୟୁଞ୍ଜୟ ଶତପଥୀ)

ଅରୁନ୍ଧତୀ ବାନ୍ଧକଳା ହସ୍ତତନ୍ତ ଗବେଷଣା, ଉନ୍ନୟନ ଓ ପ୍ରସ୍ତୁତି କେନ୍ଦ୍ରର ଭୂମିପୂଜନ ଓ ଭିତ୍ତିପ୍ରସ୍ତର ରବିବାର ସୁବର୍ଣ୍ଣପୁର ଜିଲା ଛେପାପାଲିରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ହସ୍ତତନ୍ତ ଓ ବୟନଶିଳ୍ପର ଏହି ଅତ୍ୟାଧୁନିକ ଉଦ୍ୟୋଗ ସୁବର୍ଣ୍ଣପୁର ଜିଲା ସମେତ ପଶ୍ଚିମ ଓଡ଼ିଶାରେ ହସ୍ତତନ୍ତକୁ କଳାତ୍ମକ କାରିଗରି ପ୍ରଦାନ ସହ ବିପଣନରେ ସହାୟକ ହୋଇପାରିବ। ଏହାଦ୍ୱାରା ବୁଣାକାରଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ହେବ। ବାନ୍ଧକଳାକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ନୂଆ ସରକାର ଉଦ୍ୟମ ଜାରି ରଖିଥିବା ଉପମୁଖ୍ୟମନ୍ତ୍ରୀ ସିଂହଦେଓ ମତବ୍ୟକ୍ତ କରିଛନ୍ତି।

ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ସମ୍ମାନିତ ଅତିଥିଭାବେ ଯୋଗଦେଇ ବୁଣାକାରଙ୍କ ସୂକ୍ଷ୍ମ କାରିଗରି କଳାକୁ ଏହା ଉଚ୍ଚତମ ଶିଖରକୁ ପହଞ୍ଚାଇବ ବୋଲି ଆଶାପ୍ରକାଶ କରିଥିଲେ। ଅରୁନ୍ଧତୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଥିଲେ, ଓଡ଼ିଶା ବାନ୍ଧକଳାର ଇତିହାସ ବହୁ ପୁରାତନ। ବୁଣାକାରଙ୍କ ପ୍ରତିଭାକୁ ବିକଶିତ କରିବା ସହ ଏକ ନୂତନ ଦିଗଦର୍ଶନ ଦେବା, ଓଡ଼ିଶାର ବୈଭବଶାଳୀ ପାରମ୍ପରିକ ହସ୍ତତନ୍ତ ଓ ସୃଜନଶୀଳତାକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବାର ପରିକଳ୍ପନାରୁ ଅରୁନ୍ଧତୀ ବାନ୍ଧକଳାର ସୃଷ୍ଟି। ପାରମ୍ପରିକ ହସ୍ତତନ୍ତ ବୃତ୍ତିରେ ଲିପ୍ତ ପ୍ରତିଭାଙ୍କୁ ଆକର୍ଷିତ କରି ଏହି କଳା ସହ ଯୋଡିବା ପାଇଁ ଛେପାପାଲିଠାରେ ୧୦ଏକର ପରିମିତ କ୍ୟାମ୍ପସରେ ୩୦୦୦ ତନ୍ତରେ ୫୦୦୦ ମହିଳା ଓ ଯୁବ ବୁଣାକାରଙ୍କୁ ନେଇ ଏହି ଅତ୍ୟାଧୁନିକ ଗବେଷଣାଗାର ଓ ଟ୍ରେନିଂ ସେଣ୍ଟରରେ ନିଜର ପ୍ରତିଭାକୁ ବିକଶିତ କରିବାରେ ସୁଯୋଗ ପାଇବେ। ଏହି ଅବସରରେ ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା, ଜିଲାପାଳ ଅନ୍ୟା ଦାସ, ଏସ୍‌ପି ରାମପ୍ରସାଦ ସାହୁ ପ୍ରମୁଖ ମଞ୍ଚାସୀନ ରହି ଅରୁନ୍ଧତୀ ବାନ୍ଧକଳା ପରିକଳ୍ପନାକୁ ସାଧୁବାଦ ଜଣାଇବା ସହ ରୋଜଗାର ବୃଦ୍ଧି ଓ କଳାର ବିକାଶ ହୋଇପାରିବା ନେଇ ଆଶାପ୍ରକାଶ କରିଥିଲେ। ବାନ୍ଧଶିଳ୍ପରେ ନିଜସ୍ୱ ଚେଷ୍ଟା ବଳରେ ପ୍ରତିଭା ଅର୍ଜନ କରିଥିବା ୨୦ଜଣ କୁଶଳୀ ବୁଣାକାରଙ୍କୁ ଅତ୍ୟାଧୁନିକ ତନ୍ତ ପ୍ରଦାନ କରାଯାଇଥିଲା। ସେହିଭଳି ବାନ୍ଧଗୁରୁ ପ୍ରଫୁଲ୍ଲ ମେହେର, ବରିଷ୍ଠ ବାନ୍ଧଶିଳ୍ପୀ ରାଧାରାଣୀ ପଧାନ, ଜଗନ୍ନାଥ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ଘନଶ୍ୟାମ ମେହେର ଓ ଶିବଶଙ୍କର ମେହେରଙ୍କୁ ଉପମୁଖ୍ୟମନ୍ତ୍ରୀ ସିଂହଦେଓ ସମ୍ମାନିତ କରିଥିଲେ।


ଅରୁନ୍ଧତୀ ବାନ୍ଧକଳା ଭିତ୍ତିପ୍ରସ୍ତର ଓ ଭୂମିପୂଜା ସମାରୋହରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

झारखण्ड सरकार
आदिवासी कल्याण आयुक्त कार्यालय, झारखण्ड, राँची
स.स. - 03/छात्रावास पोषण योजना (निविदा) - 01/2024-961 दिनांक:20.04.2025
सूचना (Corrigendum)
इस कार्यालय के पत्रांक - 847, दिनांक: 29.03.2025 एवं Corrigendum के पत्रांक - 864, दिनांक: 03.04.2025 द्वारा छात्रावास पोषण योजना 2024 के अन्तर्गत कल्याण विभाग के अधीन छात्रावासें का संचालन/प्रबंधन हेतु गैर सरकारी संस्थाओं/ट्रस्ट/कम्पानी/स्वयं सहायता समूह (NRLM द्वारा गठित) को सूचीबद्ध करने के निमित्त इच्छा की अभिव्यक्ति प्रस्ताव प्राप्त करने हेतु PR No.- 349587 के द्वारा समाचार पत्रों में सूचना एवं jharkhandtenders.gov.in पोर्टल पर दिनांक: 31.03.2025 को निविदा Tender ID संख्या: 2025_WELFR_9920_1 प्रकाशित की गई थी।
2. उक्त प्रकाशित निविदा के अन्तर्गत इच्छा की अभिव्यक्ति प्रस्ताव ऑनलाईन समर्पित करने की अंतिम तिथि - 21.04.2025 निर्धारित है।
3. उक्त अंतिम निर्धारित तिथि को संशोधित करते हुए दिनांक - 26.04.2025 तक ऑनलाईन निविदा को समर्पित करने की अंतिम तिथि को विस्तारित की जाती है।
4. निविदा प्रारूप की शेष कंडिकाएँ यथावत रहेंगी।
आदिवासी कल्याण आयुक्त
PR 350669 (Schedule Tribe, Schedule Caste, Minority and Backward Class Welfare Department) 25-26 (D)

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
SAMBALPUR IRRIGATION DIVISION, SAMBALPUR
E-mail id: sidsambalpur@gmail.com
e-Procurement Notice No. SESID-01/2025-26
Bid Identification No. SESID-01 (01-28)/2025-26
No. 1485 Date: 10.04.2025
No. A-38: Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| | | | |
|---|---|---|---|
| 1. | Nature of Works | : | Canal Works |
| 2. | Nos. of Works | : | 28 Nos. |
| 3. | Bid Identification No. | : | SESID-01 (01-28)/2025-26 |
| 4. | Estimated Cost | : | 8.45 - 31.78 Lakhs |
| 5. | Earnest Money Deposit | : | Referred to DTCN |
| 6. | Cost of Tender Paper | : | Referred to DTCN |
| 7. | Period of Completion | : | Referred to DTCN |
| 8. | Date and Time of availability of Bid Document in the portal | : | Dt.23.04.2025 at 11.00 A.M. to Dt.02.05.2025 upto 17.00 P.M. |
| 9. | Last Date/Time for receipt of Bids in the portal | : | Dt.02.05.2025 upto 17.00 P.M. |
| 10. | Date of Bid Opening | : | Dt.03.05.2025 at 11.00 A.M. |
| 11. | Clarification seeking date | : | Dt.23.04.2025 at 11.00 A.M. to Dt.02.05.2025 upto 17.00 P.M. |
| 12. | Date of Lottery (if required) | : | To be intimated later |
| 13. | Name and Address of the Officer Inviting Bid | : | Superintending Engineer, Sambalpur Irrigation Division, Sambalpur, At/P.O.: Khetrajpur - 768003, Dist.: Sambalpur Email Id: sidsambalpur@gmail.com |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.
Sd./- Superintending Engineer
Sambalpur Irrigation Division, Sambalpur
OIPR-32530/11/0004/2526

**ସଂକ୍ଷେପରେ**

### ପାନୀୟ ଜଳ ପ୍ରକଳ୍ପର କେବୁଲ ଚୋରି ଅଭିଯୋଗ

**ଲୋଇସିଂହା,୨୦।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କର୍ଲିପାଟ ଗ୍ରାମରେ ଥିବା ପାନୀୟ ଜଳ ପ୍ରକଳ୍ପର କେବୁଲକୁ କେହି ଦୁର୍ବୃତ୍ତ ଚୋରି କରି ନେଇଛି। ଫଳରେ ପ୍ରକଳ୍ପରୁ ଜଳ ଯୋଗାଣ ବନ୍ଦ ରହିଛି। ଏନେଇ ଗ୍ରାମବାସୀ ଲୋଇସିଂହା ସରପଞ୍ଚଙ୍କୁ ଲିଖିତ ଭାବେ ଜଣାଇଥିଲେ। ସରପଞ୍ଚ ନବକିଶୋର ନାଏକ ସମସ୍ୟା ନେଇ ବିଡ଼ିଓ ଓ ପୋଲିସର ଦୃଷ୍ଟି ଆକର୍ଷଣ କରିବାକୁ କୁଆଡେ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଇତିମଧ୍ୟରେ ୧୦ ଦିନ ବିତି ଯାଇଥିଲେ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇନାହିଁ। ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି।

### ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

**କୋଲାବିରା,୨୦।୪(ଚିନ୍ମୟ କୁମାର ବହିଦାର)**

କୋଲାବିରା ଥାନା ଅନ୍ତର୍ଗତ କୋଲାବିରା -ସମାସିଂହା ରାସ୍ତାରେ ଥିବା ପେଟ୍ରୋଲ ପମ୍ପ ନିକଟରେ ରବିବାର ପୂର୍ବାହ୍ଣ ସାଢେ଼୧୧ଟାରେ ଏକ ଅଜଣା ଗାଡ଼ି ଧକ୍କାରେ ସ୍କୁଟିରେ ଯାଉଥିବା ଦୁଇଜଣ ଗୁରୁତର ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ କୋଲାବିରା ନିକଟସ୍ଥ ସାହ୍ଲେପାଲି ଗ୍ରାମର ଗୁରୁଦେବ କାଲୋ (୨୬)। ସେ ଓ ତାଙ୍କ ବନ୍ଧୁ ପ୍ରଦୀପ ସୁନାନୀ ସମ୍ପର୍କୀୟ ଘର ସମାସିଂହାକୁ ଯାଉଥିବା ସମୟରେ କୌଣସି ଅଜଣା ଗାଡ଼ି ଧକ୍କା ଦେଇଥିଲା। ଘଟଣାସ୍ଥଳରୁ ଉଭୟଙ୍କୁ ଉଦ୍ଧାର କରି ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିବା ବେଳେ ଗୁରୁଦେବଙ୍କ ମୃତ୍ୟୁ ଘଟିଥିଲା। ପ୍ରଦୀପଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରଚଣ୍ଡ ରୌଦ୍ର ତାପ ଯୋଗୁ ପୂର୍ବାହ୍ଣ ୧୦ଟାରୁ ରାସ୍ତାଘାଟ ଶୁନଶାନ ହୋଇଯାଉଛି। ତେଣୁ ଦୁର୍ଘଟଣା ଘଟେଇଥିବା ଗାଡ଼ିକୁ କେହି ଦେଖି ନ ଥିବା ବେଳେ ଦୁର୍ଘଟଣା ଘଟେଇ ଗାଡ଼ି ଫେରାର ହୋଇଯାଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର

**ଦେବଗଡ,୨୦।୪(ଶଶାଙ୍କ ଶେଖର ଝାଙ୍କର)**

ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ରିଆମାଳ ସ୍ଥିତ ଲକ୍ଷ୍ମୀ ପୂଜା ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବଗଡ ବିଧାୟକ ରୋମାଂଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ଜନସାଧାରଣ ଆଣିଥିବା ଅଭିଯୋଗ ଗ୍ରହଣ କରିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ମୋଟ ୧୬ଟି ଅଭିଯୋଗ ହୋଇଥିବା ବେଳେ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ବିଧାୟକ ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ରାସ୍ତା ନିର୍ମାଣ, ମରାମତି, ବିଦ୍ୟୁତ, ପାଣି ସମସ୍ୟା ଆଦି ଅଭିଯୋଗ ଆସିଥିବା ଜଣାପଡିଛି। ବିଧାୟକଙ୍କ ସହିତ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ ଉପସ୍ଥିତ ଥିଲେ ।

# ଜଳସେଚନର ସ୍ଥିତି ପରଖିଲେ ସର୍ବୋଚ୍ଚ ଯନ୍ତ୍ରୀ

**ଲଖନପୁର,୨୦।୪(ଗୌତମ ସାହୁ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକର ଜଳସେଚନ ବ୍ୟବସ୍ଥାର ସରଜମିନ ସ୍ଥିତି ପରଖିଛନ୍ତି ରାଜ୍ୟ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚଯନ୍ତ୍ରୀ ଚନ୍ଦ୍ରଶେଖରପାଢ଼ୀ। ରବିବାର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସାଙ୍ଗରେ ଜଳସେଚନ ବିଭାଗ ଝାରସୁଗୁଡ଼ା, ସମ୍ବଲପୁରର ସମସ୍ତ ଅଧିକାରୀ,ଜିଲାସ୍ତରୀୟ ବରିଷ୍ଠ ଅଧିକାରୀ, ଲଖନପୁର ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିଳିତ ଭାବେ ବ୍ଲକର ସେମିଲିଆ, ମହୁଲପାଲି ଆଦି ବୃହତ୍ ଉଠାଜଳସେଚନ ପ୍ରକଳ୍ପ କାର୍ଯ୍ୟକାରିତା ସହ ଜଳସେଚନର ବିଭିନ୍ନ ସମସ୍ୟା ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ। ଏଥିସହିତ ପୂଜାରିପାଲି, ଜରିମୂଳିକୁ ନେଇ ମହାନଦୀ ଉପରେ ବୃହତ ସେତୁ ନିର୍ମାଣ ସ୍ଥାନକୁ ଯାଇ ସେତୁ ସହିତ ବ୍ୟାରେଜ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ପ୍ରସ୍ତାବ ଉପରେ ଜିରୋ ପଏଣ୍ଟର ସ୍ଥିତି ଦେଖିବା ପରେ ମଚିଦା ପଞ୍ଚାୟତ ସ୍ଥିତି, ବରଖା ଡ୍ୟାମ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଅଞ୍ଚଳରେ



ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସହିତ ଅଞ୍ଚଳବାସୀଙ୍କ ଆଲୋଚନା।

**ଲଖନପୁର ବ୍ଲକ**

ଏକ ତୃତୀୟାଂଶ ଅଞ୍ଚଳରେ ବ୍ୟାପକ ଜଳ ରାଶି ଥିବା ବେଳେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ସ୍ଥାନୀୟ ଲୋକମାନେ ମରୁଡ଼ି ଦ୍ୱାରା ବ୍ୟାପକ କ୍ଷତି ସହୁଥିବା ପ୍ରଶ୍ନର ଉତ୍ତରରେ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି, ସ୍ଥାନୀୟ ଲୋକଙ୍କ ବିଭିନ୍ନ ପ୍ରସ୍ତାବ, ଦାବି ସମ୍ପର୍କରେ ଅବଗତ ହେବା ସହ ଆଗାମୀ ଦିନରେ ଅଗ୍ରାଧିକାର ଭିତ୍ତିରେ ଏକ କମିଟି ଗଠନ କରି ବ୍ୟାପକ ଜଳସେଚନ ସୁବିଧା ଯୋଗାଇ ଦେବା ସହିତ ବିଭିନ୍ନ ସ୍ଥାନରେ ଯଥା କେଲୋ ନଦୀ କନକତୋରା, ସାନ କେଲୋ ନଦୀ, ଭିକମପାଲି, ପୂଜାରିପାଲି, ଜରିମୂଳି ମହାନଦୀ ଉପରେ ନିର୍ମାଣ ହେବାକୁ ଥିବା ସେତୁ ସହିତ ବ୍ୟାରେଜ ନିର୍ମାଣ ବରଖା ଡ୍ୟାମର ଉନ୍ନତୀକରଣ, ଛୁଇଁ ଖାଚ ଏହିରା ନାଲା ଉପରେ ଡ୍ୟାମ ନିର୍ମାଣ ଦିଗରେ ସମସ୍ତ ଦିଗରୁ ଆକଳନ କରିବା ଓ ପରେ ପର୍ଯ୍ୟାୟ କ୍ରମେ ସ୍ଥାନୀୟ ଲୋକଙ୍କ ଦ୍ୱାରା ପ୍ରସ୍ତାବିତ ଯୋଜନା ଗୁଡିକ ଲୋକାଭିମୁଖୀ ପ୍ରକଳ୍ପରେ କାର୍ଯ୍ୟକାରୀ କରିବା ପାଇଁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅଞ୍ଚଳବାସୀଙ୍କ ପକ୍ଷରୁ କନକତୋରା ସରପଞ୍ଚ ସୁଶାନ୍ତ କୁମାର ଚଇନି, ବରିଷ୍ଠ ଭାଜପା ନେତା ଚକାନନ୍ଦ ସା, ଜିଲା ପରିଷଦ ସଦସ୍ୟ ସନତ କୁମାର ସିଂ, ଅତାବିରା ସରପଞ୍ଚ ସଞ୍ଜିତ ପଧାନ, ଭିକମପାଲି ସରପଞ୍ଚ ପଦ୍ମିନୀ ସାହୁ, କ୍ଷିତୀଭୂଷଣ ପଧାନ, ଭାଜପା ଯୁବନେତା ସୁଧାଂଶୁ ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ସର୍ବୋଚ୍ଚଯନ୍ତ୍ରୀଙ୍କୁ ଲଖନପୁର ବ୍ଲକର ଜଳସେଚନ ସୁବିଧାର ବାସ୍ତବ ଚିତ୍ର ସମ୍ପର୍କରେ ଅବଗତ କରାଇବା ସହ ଅଞ୍ଚଳର ମାତ୍ରାଧିକ ଚାଷଜମିରେ ଜଳସେଚନ ପାଇଁ ଥିବା ବ୍ୟାପକ ସମ୍ଭାବନା ବିଷୟରେ ଦୃଷ୍ଟିଆକର୍ଷଣ କରିଥିଲେ।

# ଝାରସୁଗୁଡ଼ା ବିମାନ ବନ୍ଦରରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ




ମୁଖ୍ୟମନ୍ତ୍ରୀଙ୍କୁ ବିଧାୟକ ଟଙ୍କଧର ତ୍ରିପାଠୀ ବିମାନ ବନ୍ଦରରେ ସ୍ୱାଗତ କରୁଛନ୍ତି।

**ଝାରସୁଗୁଡା,୨୦।୪(ଆଶିଷ ରଞ୍ଜନ ଦାଶ)**

ସୋମାବାର ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଥିବା ବେଳେ ରବିବାର ଅପରାହ୍ଣ ୫ଟାରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଅବତାରଣ କରିଛନ୍ତି। ଝାରସୁଗୁଡ଼ା ବିମାନ ବନ୍ଦରରେ ମୁଖ୍ୟମନ୍ତ୍ରୀ ଅବତରଣ କଲା ପରେ ସ୍ଥାନୀୟ ବିଧାୟକ ଟଙ୍କଧର ତ୍ରିପାଠୀ ସ୍ୱାଗତ କରିଥିଲେ। ପରେ ଜିଲା ଭାଜପା ନେତାମାନେ

**ଆଜି ସମ୍ବଲପୁରରେ ଜନ ଅଭିଯୋଗ ଶୁଣାଣି**

ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହାପରେ ସ୍ୱତନ୍ତ୍ର କାରକେଡ ଯୋଗେ ମୁଖ୍ୟମନ୍ତ୍ରୀ ସମ୍ବଲପୁର ଗସ୍ତ କରିଛନ୍ତି। ବିମାନ ବନ୍ଦରରେ ଅନ୍ୟମାନଙ୍କ ମଧ୍ୟରେ ବଲବିନ୍ଦର୍ ସିଂ, ନେତାଜୀ ପଟ୍ଟନାୟକ, ସୋନୁ ଥିରାନୀ, ହେମରଞ୍ଜନ ସିଂ, ଦିଲେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ସଙ୍ଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ

**ଝାରସୁଗୁଡ଼ା,୧୯।୪(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ସହରସ୍ଥିତ ଭାଜପା କାର୍ଯ୍ୟାଳୟରେ ଶନିବାର ଅପରାହ୍ଣ ୪ଟାରେ ଭାଜପାର ସକ୍ରିୟ ସଦସ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସମେତ ରଘୁନାଥପାଲି ବିଧାୟକ ଦୁର୍ଗା ତନ୍ତୀ, ଭାଜପା ରାଜ୍ୟ ମୁଖପାତ୍ର ଧିରେନ ସେନାପତି, ଜିଲା ଭାଜପା ସଭାପତି ରଘୁନନ୍ଦନ ପଣ୍ଡା, ପୂର୍ବତନ ସଭାପତି ସୁନିଲ ପଣ୍ଡାଙ୍କ ସମେତ ଅନେକ ଭାଜପା କର୍ମୀ ସାମିଲ ହୋଇଥିଲେ। ସମ୍ମିଳନୀରେ ଯୋଗଦେଇ ଝାରସୁଗୁଡ଼ା ବିଧାୟକ ଗତ ୯ ମାସରେ ଓଡ଼ିଶାରେ ଭାଜପା ସରକାରରେ କରିଥିବା ଉପଲବ୍ଧି ବିଷୟରେ ଲୋକଙ୍କୁ ଅବଗତ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ବୁଥସ୍ତରୀୟ ବୈଠକ କରି ସଙ୍ଗଠନକୁ କିପରି ଆଗାମୀ ଦିନରେ ମଜଭୁତ୍ କରାଯିବ ସେଥିପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି।

**ଝାରସୁଗୁଡ଼ା ବିଧାନସଭା ଭାଜପାର ସକ୍ରିୟ ସଦସ୍ୟ ସମ୍ମିଳନୀ**

ଝାରସୁଗୁଡ଼ା ନିର୍ବାଚନୀମଣ୍ଡଳୀରେ ଭାଜପା ସରକାର ପକ୍ଷରୁ ନିଆଯାଇଥିବା ପଦକ୍ଷେପ ବିଷୟରେ ସାଧାରଣ ଲୋକଙ୍କୁ ଅବଗତ କରିବା ପାଇଁ କହିଛନ୍ତି ବିଧାୟକ। ଝାରସୁଗୁଡ଼ା ନିର୍ବାଚନୀ କ୍ଷେତ୍ରରେ ଖରା ଦିନେ ପାନୀୟ ଜଳ ସଙ୍କଟ ଦୂର କରିବା ପାଇଁ ଆଗାମୀ ଗୋଟେ ମାସ ଭିତରେ ଝାରସୁଗୁଡ଼ାର ପ୍ରତେକ ବ୍ଲକରେ ୩୦୦ଟି ନଳକୂପ ଖୋଲାଯିବ। ପ୍ରତ୍ୟେକ ପୋଖରୀରେ ଗାଧୁଆ ଘର ଓ ପାହାଚ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିବା, ଝା ମନ୍ଦିର ପାରିପାର୍ଶ୍ୱିକ ଉନ୍ନତି ପାଇଁ ୪ କୋଟି ଟଙ୍କା ପ୍ରଦାନ କରିଥିବା ଝାରସୁଗୁଡ଼ା ବିଧାୟକ ତ୍ରିପାଠୀ କହିଛନ୍ତି। ସେହିପରି ଝାରସୁଗୁଡ଼ାରେ ବହୁ ପ୍ରତିକ୍ଷିତ ଏଲ୍ଏନ୍ କଲେଜକୁ ସରକାରୀ କଲେଜର ମାନ୍ୟତା ପ୍ରଦାନ କରାଯିବ ବୋଲି କହିଛନ୍ତି। ସେହିପରି ଝାରସୁଗୁଡ଼ା ମଙ୍ଗଳବଜାରସ୍ଥିତ ହସ୍ପିଟାଲ ଖୋଲାଯିବ ବୋଲି କହିବା ସହ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାରେ ବର୍ଷକୁ ଦଶ ହଜାର ଟଙ୍କା ପ୍ରଦାନ କରାଯାଉଥିବା ବେଳେ ପ୍ରତି କୁଇଣ୍ଟାଲ ଧାନରେ ୩୧ ଶହ ପ୍ରଦାନ କରି ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବାରେ ସରକାର ସଫଳ ହୋଇଥିବା ବିଧାୟକ ତ୍ରିପାଠୀ କହିଛନ୍ତି। ଏହିପରି ସମସ୍ତ ଯୋଜନା ଘରକୁ ଘର ପହଞ୍ଚାଇବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ସମ୍ମିଳନୀରେ କୁଳମଣି କିଷାନ, ଦୁତୀଆ ଓରାମ, ଉଦ୍ଧବ ସିଂ ନାୟକ, ରାଜେଶ ଦାସ, ହେମରଞ୍ଜନ ସିଂ, ବିମଳେନ୍ଦୁ ଭୋଲ, ଅରବିନ୍ଦ ପାଠକ, ସୋନୁ ଥିରାନି, ନେତାଜୀ ପଟ୍ଟନାୟକ, ବଲବିନ୍ଦର୍ ସିଂଙ୍କ ସମେତ ସମସ୍ତ ବରିଷ୍ଠ ଓ କନିଷ୍ଠ ନେତୃବର୍ଗ ଉପସ୍ଥିତ ଥିଲେ।

# ଭାଜପାର ବିଧାନସଭା ସ୍ତରୀୟ ସକ୍ରିୟ ସଦସ୍ୟ ସମ୍ମିଳନୀ

**ଝାରସୁଗୁଡା,୨୦।୪(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ରେ ଭାଜପାର ବ୍ରଜରାଜନଗର ବିଧାନସଭା ସ୍ତରୀୟ ସକ୍ରିୟ ସଦସ୍ୟ ସମ୍ମିଳନୀ ରବିବାର ମଧାହ୍ନ ୧୨ଟାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଝାରସୁଗୁଡା ଜିଲା ଭାଜପା ସଭାପତି ରଘୁନନ୍ଦନ ପଣ୍ଡା, ଯୁବ ନେତା ସୁଧାଂଶୁ ଦୋରା, ପ୍ରଚଣ୍ଡ ଜସୱାଲ, ସଞ୍ଜୟ ସିଂ, ରିବୁ ପ୍ରଧାନ, ରୀନା ପଟେଲ, ମୋନାଲିସା ମୋଦକ ପ୍ରମୁଖଙ୍କ ସହ ଭାଜପାର ଶତାଧିକ ସକ୍ରିୟ ସଦସ୍ୟ ଉପସ୍ଥିତ ରହିଥିଲେ। ଭାଜପା ଜିଲା ସଭାପତି ସଦସ୍ୟମାନଙ୍କୁ ଭାଜପାର ନୀତି ନିୟମ, ଆଦର୍ଶ ବିଷୟରେ ଅବଗତ କରାଇବା ସହ ଦଳକୁ ତୃଣମୂଳ ସ୍ତରରୁ ଆହୁରି ମଜବୁଦ କରିବାକୁ ଆହ୍ୱାନ ଦେଇଛନ୍ତି।

# ଲୋକାର୍ପଣ ସଭାରେ ସାତ ଖଣ୍ଡ ପୁସ୍ତକ ଲୋକାର୍ପିତ

**କୋଲାବିରା,୨୦।୪(ଚିନ୍ମୟ କୁମାର ବହିଦାର)**

ଝାରସୁଗୁଜିଲାର ସୁନାମ ଧନ୍ୟା ସାହିତ୍ୟ ସାଧିକା ବହୁ ପୁସ୍ତକର ରଚୟିତା ମାଧବୀ ପଟେଲଙ୍କ ଲିଖିତ ଜଙ୍ଗଲ କାହାଣି, ବୀଜ ଓ ଅନ୍ୟାନ୍ୟ ଗଳ୍ପ, ନଦୀପାର ଓ ଅନ୍ୟାନ୍ୟ ଗଳ୍ପ, ଡାଏରୀ, ପିଲାଙ୍କ କାହାଣୀ, ସରୋଗେସୀ ଓ ଅଲୋ ଗର୍ଭ ଆଦି ପୁସ୍ତକ ଉନ୍ମୋଚନ ହୋଇଯାଇଛି। ପ୍ରାକ୍ତନ ପ୍ରାଧ୍ୟାପକ ଲଳିତ ମୋହନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସାହିତ୍ୟ ସଭାରେ ସମ୍ମାନିତ ଅତିଥି ଭାବରେ ପ୍ରାକ୍ତନ ଅଧ୍ୟାପକ ସୁବାସ ଚନ୍ଦ୍ର ନାଏକ, ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟା ଶିବପ୍ରିୟା ମିଶ୍ର,ସୁସାହିତ୍ୟିକ ସୀତାରାମ ବର୍ଡ଼ିଆ, ଡା.ସବିତା ପଟେଲ, ଡା. ଡୋଲାମଣୀ ପଟେଲ, ଡା. ଦିଲୀପ କୁମାର ପଟ୍ଟନାୟକ, ଡା.ଭଗବାନ ପଟେଲ ପ୍ରମୁଖ ଯୋଗଦେଇ ମାଧବୀ ପଟେଙ୍କ ପୁସ୍ତକ ସମୀକ୍ଷା କରିଥିଲେ। ସଭାରେ କବି କୁନୁ ଦେହୁରି ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପୁସ୍ତକ ସମୀକ୍ଷାରେ ମଦନାନନ୍ଦ

**ସାହିତ୍ୟ ସମାଜକୁ ଅନନ୍ୟ ଅବଦାନ**

ସେଠ, ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର, ବସନ୍ତ କୁମାର ନାଥ, ମଦନାନନ୍ଦ ସେଠ, ରାଧାମୋହନ ପାଣ୍ଡେ ସାତ ଖଣ୍ଡ ପୁସ୍ତକର ସମୀକ୍ଷା କରି ପଟେଲଙ୍କ ଲିଖିତ ଗଳ୍ପ,କବିତା ସଂକଳନ କାଳଜୟୀ ହୋଇ ଉତ୍କଳର ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରୁ ବୋଲି ମତବ୍ୟକ୍ତ କରିଥିଲେ। ପଟେଲ ପୂର୍ବରୁ ୨୦ ଖଣ୍ଡରୁ ଉର୍ଦ୍ଧ୍ୱ ପୁସ୍ତକ ଉନ୍ମୋଚନ କରି ସାହିତ୍ୟ ଜଗତକୁ ଭେଟି ଦେଇଛନ୍ତି। ସେ ଏକାଧାରରେ ଜଣେ ସୁ-ସାହିତ୍ୟିକା, ପ୍ରବକ୍ତା, ପ୍ରାବନ୍ଧିକା ସମାଜ ସେବିକା ଓ ଗାଳ୍ପିକା ମଧ୍ୟ। ପ୍ରତ୍ୟେକ ସୃଷ୍ଟିରେ ସେ ସମାଜକୁ ବାର୍ତ୍ତା ଓ ଦିଗଦର୍ଶନ ଦେଇଛନ୍ତି। ପୁସ୍ତକ ଉନ୍ମୋଚନ ସଭାକୁ କବି ପ୍ରେମ ସାଗର ଦିହିରିଆ ସଂଯୋଜନା କରିଥିବା ବେଳେ କବି ଅନ୍ତର୍ଯ୍ୟାମୀ ପାଣିଗ୍ରାହୀ ଧନ୍ୟବାଦ ଆର୍ପଣ କରିଥିଲେ।

# ଡିଏଭି ବିଦ୍ୟାଳୟର ବାର୍ଷିକ ଉତ୍ସବ ଅରୋରା

**ସମ୍ବଲପୁର,୨୦।୪(ବି.ଶଙ୍କର)**

ବୁର୍ଲା ସ୍ଥିତ ଡିଏଭି ବିଦ୍ୟାଳୟର ବାର୍ଷିକ ଉତ୍ସବ ଅରୋରା-୨୦୨୫ ଶନିବାର ରାତିରେ ପାଳିତ ହୋଇଯାଇଛି। ମହାନଦୀ କୋଇଲା କମ୍ପାନୀ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଉଦୟ ଅନନ୍ତ କାଓଲେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏମ୍‌ସିଏଲ୍ ଜାଗୃତି ମହିଳା ମଣ୍ଡଳର ସଭାନେତ୍ରୀ ସୁବର୍ଣ୍ଣ କାଓଲେ, କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ସିଭିଓ ପ୍ରଣବ କୁମାର ପଟେଲ, ବୈଷୟିକ ନିର୍ଦ୍ଦେଶକ ଯୁଗଳ କୁମାର ବୋରା, ବିତ୍ତ ନିର୍ଦ୍ଦେଶକ ଅଜିତ କୁମାର ବେହୁରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ତଥା ଉପଆଞ୍ଚଳିକ ଅଧିକାରୀ ରଶ୍ମି ମିଶ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଛାତ୍ରୀ ତନିଶା ପଟ୍ଟନାୟକ ଓ ଶ୍ରଦ୍ଧାଶ୍ରୀ ରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ସୌଭାଗ୍ୟ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ବାନ୍ଧକଳାକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ଉଦ୍ୟମ ହେବ: ଉପମୁଖ୍ୟମନ୍ତ୍ରୀ

**ସୋନପୁର,୨୦।୪(ମୃତ୍ୟୁଞ୍ଜୟ ଶତପଥୀ)**

ଅରୁନ୍ଧତୀ ବାନ୍ଧକଳା ହସ୍ତତନ୍ତ ଗବେଷଣା, ଉନ୍ନୟନ ଓ ପ୍ରସ୍ତୁତି କେନ୍ଦ୍ରର ଭୂମିପୂଜନ ଓ ଭିତ୍ତିପ୍ରସ୍ତର ରବିବାର ସୁବର୍ଣ୍ଣପୁର ଜିଲା ଛେପାପାଲିରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ହସ୍ତତନ୍ତ ଓ ବୟନଶିଳ୍ପର ଏହି ଅତ୍ୟାଧୁନିକ ଉଦ୍ୟୋଗ ସୁବର୍ଣ୍ଣପୁର ଜିଲା ସମେତ ପଶ୍ଚିମ ଓଡ଼ିଶାରେ ହସ୍ତତନ୍ତକୁ କଳାତ୍ମକ କାରିଗରି ପ୍ରଦାନ ସହ ବିପଣନରେ ସହାୟକ ହୋଇପାରିବ। ଏହାଦ୍ୱାରା ବୁଣାକାରଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ହେବ। ବାନ୍ଧକଳାକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ନୂଆ ସରକାର ଉଦ୍ୟମ ଜାରି ରଖିଥିବା ଉପମୁଖ୍ୟମନ୍ତ୍ରୀ ସିଂହଦେଓ ମତବ୍ୟକ୍ତ କରିଛନ୍ତି।

ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ସମ୍ମାନିତ ଅତିଥିଭାବେ ଯୋଗଦେଇ ବୁଣାକାରଙ୍କ ସୂକ୍ଷ୍ମ କାରିଗରି କଳାକୁ ଏହା ଉଚ୍ଚତମ ଶିଖରକୁ ପହଞ୍ଚାଇବ ବୋଲି ଆଶାପ୍ରକାଶ କରିଥିଲେ। ଅରୁନ୍ଧତୀ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଥିଲେ, ଓଡ଼ିଶା ବାନ୍ଧକଳାର ଇତିହାସ ବହୁ ପୁରାତନ। ବୁଣାକାରଙ୍କ ପ୍ରତିଭାକୁ ବିକଶିତ କରିବା ସହ ଏକ ନୂତନ ଦିଗଦର୍ଶନ ଦେବା, ଓଡ଼ିଶାର ବୈଭବଶାଳୀ ପାରମ୍ପରିକ ହସ୍ତତନ୍ତ ଓ ସୃଜନଶୀଳତାକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବାର ପରିକଳ୍ପନାରୁ ଅରୁନ୍ଧତୀ ବାନ୍ଧକଳାର ସୃଷ୍ଟି। ପାରମ୍ପରିକ ହସ୍ତତନ୍ତ ବୃତ୍ତିରେ ଲିପ୍ତ ପ୍ରତିଭାଙ୍କୁ ଆକର୍ଷିତ କରି ଏହି କଳା ସହ ଯୋଡିବା ପାଇଁ ଛେପାପାଲିଠାରେ ୧୦ଏକର ପରିମିତ କ୍ୟାମ୍ପସରେ ୩୦୦୦ ତନ୍ତରେ ୫୦୦୦ ମହିଳା ଓ ଯୁବ ବୁଣାକାରଙ୍କୁ ନେଇ ଏହି ଅତ୍ୟାଧୁନିକ ଗବେଷଣାଗାର ଓ ଟ୍ରେନିଂ ସେଣ୍ଟରରେ ନିଜର ପ୍ରତିଭାକୁ ବିକଶିତ କରିବାରେ ସୁଯୋଗ ପାଇବେ। ଏହି ଅବସରରେ ବୀରମହାରାଜପୁର ବିଧାୟକ ଇଂ.ରଘୁନାଥ ଜଗଦଲା, ଜିଲାପାଳ ଅନ୍ୟା ଦାସ, ଏସ୍‌ପି ରାମପ୍ରସାଦ ସାହୁ ପ୍ରମୁଖ ମଞ୍ଚାସୀନ ରହି ଅରୁନ୍ଧତୀ ବାନ୍ଧକଳା ପରିକଳ୍ପନାକୁ ସାଧୁବାଦ ଜଣାଇବା ସହ ରୋଜଗାର ବୃଦ୍ଧି ଓ କଳାର ବିକାଶ ହୋଇପାରିବା ନେଇ ଆଶାପ୍ରକାଶ କରିଥିଲେ। ବାନ୍ଧଶିଳ୍ପରେ ନିଜସ୍ୱ ଚେଷ୍ଟା ବଳରେ ପ୍ରତିଭା ଅର୍ଜନ କରିଥିବା ୨୦ଜଣ କୁଶଳୀ ବୁଣାକାରଙ୍କୁ ଅତ୍ୟାଧୁନିକ ତନ୍ତ ପ୍ରଦାନ କରାଯାଇଥିଲା। ସେହିଭଳି ବାନ୍ଧଗୁରୁ ପ୍ରଫୁଲ୍ଲ ମେହେର, ବରିଷ୍ଠ ବାନ୍ଧଶିଳ୍ପୀ ରାଧାରାଣୀ ପଧାନ, ଜଗନ୍ନାଥ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ଘନଶ୍ୟାମ ମେହେର ଓ ଶିବଶଙ୍କର ମେହେରଙ୍କୁ ଉପମୁଖ୍ୟମନ୍ତ୍ରୀ ସିଂଦେଓ ସମ୍ମାନିତ କରିଥିଲେ।

**ଅରୁନ୍ଧତୀ ବାନ୍ଧକଳା ହସ୍ତତନ୍ତ ଗବେଷଣା, ଉନ୍ନୟନ ଓ ପ୍ରସ୍ତୁତି କେନ୍ଦ୍ରର ଶିଳାନ୍ୟାସ**



ଅରୁନ୍ଧତୀ ବାନ୍ଧକଳା ହସ୍ତତନ୍ତ ଗବେଷଣା, ଉନ୍ନୟନ ଓ ପ୍ରସ୍ତୁତି କେନ୍ଦ୍ର ଭୂମିପୂଜନ ଓ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଓ ଅନ୍ୟ ଅତିଥିମାନେ।

झारखण्ड सरकार
**आदिवासी कल्याण आयुक्त कार्यालय, झारखण्ड, राँची**
स.स. - 03/छात्रावास पोषण योजना (निविदा) - 01/2024-961 दिनांक:20.04.2025
**सूचना (Corrigendum)**
इस कार्यालय के पत्रांक - 847, दिनांक: 29.03.2025 एवं Corrigendum के पत्रांक - 864, दिनांक: 03.04.2025 द्वारा छात्रावास पोषण योजना 2024 के अन्तर्गत कल्याण विभाग के अधीन छात्रावासें का संचालन/प्रबंधन हेतु गैर सरकारी संस्थाओं/ट्रस्ट/कम्पानी/स्वयं सहायता समूह (NRLM द्वारा गठित) को सूचीबद्ध करने के निमित्त इच्छा की अभिव्यक्ति प्रस्ताव प्राप्त करने हेतु PR No.- 349587 के द्वारा समाचार पत्रों में सूचना एवं jharkhandtenders.gov.in पोर्टल पर दिनांक: 31.03.2025 को निविदा Tender ID संख्या: 2025_WELFR_9920_1 प्रकाशित की गई थी।
2. उक्त प्रकाशित निविदा के अन्तर्गत इच्छा की अभिव्यक्ति प्रस्ताव ऑनलाईन समर्पित करने की अंतिम तिथि - 21.04.2025 निर्धारित है।
3. उक्त अंतिम निर्धारित तिथि को संशोधित करते हुए दिनांक - 26.04.2025 तक ऑनलाईन निविदा को समर्पित करने की अंतिम तिथि को विस्तारित की जाती है।
4. निविदा प्रारूप की शेष कंडिकाएँ यथावत रहेंगी।
आदिवासी कल्याण आयुक्त
PR 350669 (Schedule Tribe, Schedule Caste, Minority and Backward Class Welfare Department) 25-26 (D)

GOVERNMENT OF ODISHA
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**SAMBALPUR IRRIGATION DIVISION, SAMBALPUR**
E-mail id: sidsambalpur@gmail.com
**e-Procurement Notice No. SESID-01/2025-26**
**Bid Identification No. SESID-01 (01-28)/2025-26**
No. 1485 Date: 10.04.2025
No. A-38: Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in complete online process only.

| | | |
|---|---|---|
| 1. | Nature of Works | Canal Works |
| 2. | Nos. of Works | 28 Nos. |
| 3. | Bid Identification No. | SESID-01 (01-28)/2025-26 |
| 4. | Estimated Cost | 8.45 - 31.78 Lakhs |
| 5. | Earnest Money Deposit | Referred to DTCN |
| 6. | Cost of Tender Paper | Referred to DTCN |
| 7. | Period of Completion | Referred to DTCN |
| 8. | Date and Time of availability of Bid Document in the portal | Dt.23.04.2025 at 11.00 A.M. to Dt.02.05.2025 upto 17.00 P.M. |
| 9. | Last Date/Time for receipt of Bids in the portal | Dt.02.05.2025 upto 17.00 P.M. |
| 10. | Date of Bid Opening | Dt.03.05.2025 at 11.00 A.M. |
| 11. | Clarification seeking date | Dt.23.04.2025 at 11.00 A.M. to Dt.02.05.2025 upto 17.00 P.M. |
| 12. | Date of Lottery (if required) | To be intimated later |
| 13. | Name and Address of the Officer Inviting Bid | Superintending Engineer, Sambalpur Irrigation Division, Sambalpur, At/P.O.: Khetrajpur - 768003, Dist.: Sambalpur Email Id: sidsambalpur@gmail.com |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.
Sd./- Superintending Engineer
OIPR-32530/11/0004/2526 Sambalpur Irrigation Division, Sambalpur

## ନାଏବ ସରପଞ୍ଚଙ୍କୁ ସରପଞ୍ଚ ଦାୟିତ୍ୱ

ନୂଆପଡ଼ା,୨୦।୪ (ମକାରୁ ବେମାଲ)

ନୂଆପଡ଼ା ଜିଲା କୋମନା ବ୍ଲକ ଲଖନା ପଞ୍ଚାୟତ ସରପଞ୍ଚ ବହିଷ୍କାର ପରେ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି ଶୀର୍ଷକ ଏକ ଖବର ଧରିତ୍ରୀରେ ପ୍ରକାଶିତ ହୋଇଥିଲା। ଏହା ପରେ ଜିଲା ପ୍ରଶାସନ ତତ୍ପରତା ଦେଖାଇ ନାଏବ ସରପଞ୍ଚ ପଦ୍ମନୀ ସୁନାନୀଙ୍କୁ ସରପଞ୍ଚ ଦାୟିତ୍ୱ ପ୍ରଦାନ କରିଛନ୍ତି। ବହିଷ୍କାର ପରେ ମଧ୍ୟ ସରପଞ୍ଚ ପ୍ରାୟ ୧୦ଦିନ ହେବ ଦାୟିତ୍ୱ ହସ୍ତାନ୍ତର କରି ନ ଥିଲେ। ଫଳରେ ପଞ୍ଚାୟତରେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହୋଇପାରୁ ନ ଥିଲା। ବିଭିନ୍ନ କାର୍ଯ୍ୟରେ ପଞ୍ଚାୟତକୁ ଆସୁଥିବା ହିତାଧିକାରୀ ନିରାଶ ହୋଇ ଫେରି ଯାଉଥିଲେ। ଏପରି କି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରିଥିବା ଶ୍ରମିକମାନେ ପାଉଣା ନ ପାଇ ଅସୁବିଧାର ସମ୍ମୁଖୀନ ହେଉଥିଲେ। ପଦ୍ମନୀ ପରପଞ୍ଚ ଦାୟିତ୍ୱ ନେଲା ପରେ ଏସବୁ କାର୍ଯ୍ୟ ଶୀଘ୍ର ତ୍ୱରାନ୍ୱିତ ହେବ ବୋଲି ପଞ୍ଚାୟତବାସୀ ଆଶା କରୁଛନ୍ତି। ଜନସାଧାରଣଙ୍କ ହିତ ଓ ପଞ୍ଚାୟତର ବିକାଶ ପାଇଁ କାର୍ଯ୍ୟ କରିବି ବୋଲି ପଦ୍ମନୀ କହିଛନ୍ତି।

# ଘର ଉପରେ ଗଛ ପଡ଼ିଲା, ବର୍ତ୍ତିଲେ ୨ ପରିବାର


ଭାଙ୍ଗିଯାଇଥିବା ଘର ଆଗରେ ପରିବାର ସଦସ୍ୟ।

### ଲାଞ୍ଜିଗଡ଼ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ

ଲାଞ୍ଜିଗଡ଼,୨୦।୪(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳରେ ରବିବାର କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଏହାର ପ୍ରଭାବରେ ଗଛ ପଡି ଦୁଇଟି ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବାବେଳେ ୨ ପରିବାର ଅଳ୍ପକେ ବର୍ତ୍ତିଯାଇଛନ୍ତି। ଅପରାହ୍ନରେ ହଠାତ୍ ଘଡ଼ଘଡ଼ି ସହ ତୁହାକୁ ତୁହା ବର୍ଷା ପବନ ଆରମ୍ଭ ହୋଇଯାଇଥିଲା। ଏହି ସମୟରେ ବିଜେପୁର ପଞ୍ଚାୟତ ଅନ୍ତର୍ଗତ ବାଟେରପଡ଼ା ଗାଁର ଜଗନ୍ନାଥ ନାଏକ ଓ ହେମ ହରିଜନଙ୍କ ଘର ଉପରେ ଏକ ବିରାଟ ବରଗଛ ଉପୁଡି ପଡିଥିଲା। ଗଛ ଉପୁଡିବାର ମାତ୍ର କେଇ ମୁହୂର୍ତ୍ତ ମଧ୍ୟରେ ଦୁଇ ପରିବାରର ୬ଜଣ ସଦସ୍ୟ ବାହାରକୁ ବାହାରିଯାଇ ବର୍ତ୍ତି ଯାଇଥିଲେ। ଏଥିରେ ସେମାନଙ୍କ ଘର ଦୁଇଟି ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଯାଇଛି। ବର୍ତ୍ତମାନ ଏହି ଦୁଇ ପରିବାର ବାସହୀନ ହୋଇପଡିଛନ୍ତି। ଗରିବ ଶ୍ରେଣୀର ହୋଇଥିବାରୁ ଘର ସଜାଡିବା ସେମାନଙ୍କ ପାଇଁ ମୁସ୍କିଲ ହୋଇପଡ଼ିଛି। ତୁରନ୍ତ ଉଜୁଡି ଯାଇଥିବା ଘରର କ୍ଷୟକ୍ଷତି ଆକଳନ କରିବା ସହିତ ହିତାଧିକାରୀଙ୍କୁ ପଲିଥିନ ସହ ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ କରିବାକୁ ପରିବାର ଲୋକେ ପ୍ରଶାସନକୁ ଗୁହାରି କରିଛନ୍ତି।

## ସିଟିଜେନ ଫୋରମ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର



ବୈଠକରେ ଉପସ୍ଥିତ ଏସ୍‌ପିଙ୍କ ସହ ସିଟିଜେନ ଫୋରମ କର୍ମକର୍ତ୍ତା।

କେସିଙ୍ଗା,୨୦।୪ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ସିଟିଜେନ ଫୋରମ ସଭାପତି ଡ. ହେମସାଗର ସାହାଙ୍କ ନେତୃତ୍ୱରେ କେସିଙ୍ଗା ସହରସ୍ଥିତ ବିଦ୍ୟାପୀଠ ସଭାଗୃହରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେବେରାକୋଣ୍ଡା ମୁଖ୍ୟଅତିଥି ଓ କେସିଙ୍ଗା ଏସ୍‌ଡିପିଓ ରଶ୍ମି ରଞ୍ଜନ ସେନାପତି, ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଫୋରମ ପକ୍ଷରୁ ୯ଦଫା ସମ୍ବଳିତ ଦାବିପତ୍ର ଏସ୍‌ପିଙ୍କୁ ପ୍ରଦାନ କରାଯାଇଥିଲା। ଜଗନ୍ନାଥ ପଡ଼ାରେ ଆଉଟପୋଷ୍ଟ ସ୍ଥାପନ, ଦେଶୀ କୁଚିଆ ମଦ ବିକ୍ରି ରୋକିବା, ସହରର ମଧ୍ୟଭାଗରେ ଥିବା କବାଡିଆ ଗୋଦାମ ସ୍ଥାନାନ୍ତର କରିବା, ଟ୍ରାଫିକ ସମସ୍ୟା ଦୂର କରିବା, ମୁଖ୍ୟ ଜାଗାରେ ସିସି କ୍ୟାମେରା ଲଗାଇବା ଆଦି ଦାବି ଜଣାଇଥିଲେ। ସହରରେ ଚୋରି ରୋକିବାକୁ ପାଟ୍ରୋଲିଂ କଡାକଡି କରିବାକୁ ଏସ୍‌ପି କେସିଙ୍ଗା ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଟିଜେନ ଫୋରମ ସମ୍ପାଦକ ବି.ଚନ୍ଦ୍ର ଶେଖର ଆଚାରି ମଞ୍ଚ ପରିଚାଳନା କରିଥିବାବେଳେ କେସିଙ୍ଗା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବିନାୟକ ନାଏକ ଧନ୍ୟବାଦ ଦେଇଥିଲେ।

## ଜେଇଇ ମେନ୍‌ରେ ଲକ୍ଷ୍ମୀ ବିକାଶ ଛାତ୍ରୀଛାତ୍ରଙ୍କ ସଫଳତା


ଜେଇଇ ମେନ୍ ପରୀକ୍ଷାରେ ସଫଳତା ଆଣିଥିବା ଛାତ୍ରୀଛାତ୍ର।

ଭବାନୀପାଟଣା,୨୦।୪(ଉତ୍ତମ କୁମାର ଦାଶ)

ଜେଇଇ (ମେନ୍) ପ୍ରବେଶିକା ପରୀକ୍ଷା ଫଳାଫଳ ଶନିବାର ପ୍ରକାଶ ପାଇଛି। ଏଥିରେ ଭବାନୀପାଟଣା ଲକ୍ଷ୍ମୀ ବିକାଶ ଗ୍ରୁପ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ଶୁଭାଶିଷ ମାଝି, ରାଜେନ୍ଦ୍ର ପାତ୍ର, ଧାରାଶ୍ରୀ ସେଠୀ ଓ ରାଜଶ୍ରୀ ବେହେରା ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଜେଇଇ ଆଡ୍‌ଭାନସ ପରୀକ୍ଷା ନିମନ୍ତେ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏହି ସଫଳତାରେ ଅନୁଷ୍ଠାନର ଚେୟାରମ୍ୟାନ ଡି. ନାଗେଶର ରାଓ, ନିର୍ଦ୍ଦେଶକ ଡି. ଶ୍ୟାମ, ଅନ୍ୟତମ ନିର୍ଦ୍ଦେଶକ ଡି. ରାମ କୁମାର, ଶିକ୍ଷା ପ୍ରଭାରୀ ଡି. ବିଜୟା, ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ଆରତି ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ ପ୍ରମୁଖ ଖୁସି ବ୍ୟକ୍ତ କରିବା ସହ ଛାତ୍ରୀଛାତ୍ରଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। ସୂଚନାଯୋଗ୍ୟ ଏଠାରେ ଉଭୟ ସିବିଏସ୍‌ଇ ଓ ସିଏଚ୍‌ଏସଇ ଏକାଦଶ, ଦ୍ୱାଦଶ ଛାତ୍ରୀଛାତ୍ରଙ୍କ ନିମନ୍ତେ ଇଣ୍ଟିଗ୍ରେଟେଡ଼ କୋଚିଂ ଦିଆଯାଉଛି। ଆଗାମୀ ଜୁନ ମାସରେ ପ୍ରକାଶ ପାଇବାକୁ ଥିବା ନିଟ ପରୀକ୍ଷାରେ ମଧ୍ୟ ଅନୁଷ୍ଠାନର ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ଲାଭ କରି ଅନୁଷ୍ଠାନ ତଥା ରାଜ୍ୟ ପାଇଁ ଗୌରବ ଆଣିବେ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ମତ ପୋଷଣ କରିଛନ୍ତି ।

## ରନ୍ଧା ବାର୍‌ହା ମାଂସ ସହ ବିସ୍ଫୋରକ ସାମଗ୍ରୀ ଜବତ, ୩ ଗିରଫ

ନୂଆପଡ଼ା,୨୦।୪ (ମକାରୁ ବେମାଲ)


ଜବତ ବିସ୍ଫୋରକ ସହ ଫାଶ, ଟାଙ୍ଗିଆ ଓ ରନ୍ଧା ବାର୍‌ହା ମାଂସ।

ନୂଆପଡ଼ା ଜିଲା ବୋଡେନ ବ୍ଲକ ନାଗପଡ଼ା ପଞ୍ଚାୟତ ସିର୍ଲି ଗାଁରେ ବନ ବିଭାଗ ରବିବାର ଚଢାଉ କରି ରନ୍ଧା ବାର୍‌ହା ମାଂସ ସହ ବିସ୍ଫୋରକ ସାମଗ୍ରୀ ଜବତ କରି ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଖଲିଆମୁଣ୍ଡା ନୂଆପଡ଼ାର ଅନ୍ତରାମ ମାଝି (୪୦), ତେଜରାମ ମାଝି (୩୨) ଓ ଇନ୍ଦ୍ରମଣି ମାଝି (୨୬)। ପ୍ରାପ୍ତ ସୂଚନା ଅନୁଯାୟୀ ଅନ୍ତରାମ ବିସ୍ଫୋରକ ସାମଗ୍ରୀରେ ବୋମା ଭିଡି ଗ୍ରାମ ନିକଟ ଜଙ୍ଗଲରେ ଜନ୍ତୁ ଶିକାର ଉଦ୍ଦେଶ୍ୟରେ ଖଞ୍ଜିଥିଲେ। ଉକ୍ତ ବିସ୍ଫୋରକ ସଂସ୍ପର୍ଶରେ ଆସି ବାର୍‌ହା ମରିଯିବା ପରେ ତାକୁ କାଟି ମାଂସ ବିକ୍ରି କରିଥିଲେ। ଉକ୍ତ ମାଂସ କିଣି ରାନ୍ଧି ଖାଇବାବେଳେ କୋମନା ବନାଞ୍ଚଳ ଅଧିକାରୀ ଦେବଦତ୍ତ ସୂତାର ସଦଳବଳ ଚଢାଉ କରିଥିଲେ। ବନ କର୍ମଚାରୀ ତେଜରାଜ, ଇନ୍ଦ୍ରମଣି ଓ ଅନ୍ୟ କେତେଜଣଙ୍କଠାରୁ କିଛି ରନ୍ଧା ମାଂସ ଜବତ କରିବା ସହ ସେମାନଙ୍କୁ କୋମନା ବନାଞ୍ଚଳ କାର୍ଯ୍ୟାଳୟକୁ ଆଣି ପଚାରା ଉଚରା କରିଥିଲେ। ପରେ ବନାଞ୍ଚଳ ଅଧିକାରୀ ଉକ୍ତ ଗ୍ରାମକୁ ଯାଇ ବାର୍‌ହା ଶିକାର କରିଥିବା ମୁଖ୍ୟ ଅଭିଯୁକ୍ତ ଅନ୍ତରାମଙ୍କୁ କାବୁ କରି ଘର ଭିତରୁ ୬ଟି ଜୀବନ୍ତ ବୋମା, କିଛି ବାର୍‌ହା ଫାଶ, ୫୫ଟି ଝିଙ୍କ କଣ୍ଟା ଓ ଗୋଟିଏ ରକ୍ତଭିଜା ଟାଙ୍ଗିଆ ଜବତ କରିଥିଲେ। ମାଂସ କିଣି ରୋଷେଇ କରି ଖାଇବା ଅଭିଯୋଗରେ ତେଜରାଜ ଓ ଇନ୍ଦ୍ରମଣି ଏବଂ ବାର୍‌ହା ଶିକାର କରି ମାଂସ ବିକ୍ରୟ କରିବା ଅଭିଯୋଗରେ ଅନ୍ତରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ରନ୍ଧାମାଂସ ନମୁନା ପରୀକ୍ଷଣ ପାଇଁ ଓୟୁଏଟିକୁ ପଠାଯାଇଥିବାବେଳେ ବିଶେଷଜ୍ଞଙ୍କ ଦ୍ୱାରା ଜବତ ବୋମା ନିଷ୍କ୍ରିୟ କରିବାକୁ ପଦକ୍ଷେପ ନିଆଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

## ଜର୍ନାଲିଷ୍ଟ ପ୍ରିମିୟର ଲିଗ୍ କ୍ରିକେଟ ଉଦ୍‌ଘାଟିତ

କଲମପୁର, ୨୦।୪ (ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଲମପୁର ମିନି ଷ୍ଟଡିୟମଠାରେ ବ୍ଲକ ସାମ୍ବାଦିକ ସମୂହ ତରଫରୁ ଆୟୋଜିତ ଜର୍ନାଲିଷ୍ଟ ପ୍ରିମିୟମ ଲିଗ ନକଆଉଟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ଟୁର୍ନାମେଣ୍ଟ ଆସନ୍ତା ୨୭ ତାରିଖରେ ଶେଷ ହେବ। ଏଥିରେ ୧୧ ପଞ୍ଚାୟତର ଗୋଟିଏ ଲେଖାଏ ଓ ସାମ୍ବାଦିକ ଦଳ ମିଶି ୧୨ଟି ଦଳ ଭାଗ ନେଇଛନ୍ତି। ଖବରଦାତା ଶୁଭେନ୍ଦୁ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବିଡିଓ ବିଜୟ କୁମାର ମାଣ୍ଡାଙ୍ଗି ମୁଖ୍ୟ ଅତିଥି, ଡ. ଶିବାଶିଷ ସ୍ୱାଇଁ ସ୍ୱତନ୍ତ୍ର ଅତିଥି ଓ ବଡକୁଟ୍ରୁ ସରପଞ୍ଚ ଗଣେଶ ପଣ୍ଡା, କଲମପୁର ପୂର୍ବତନ ସରପଞ୍ଚ ଚତୁର୍ଭୁଜ ପଣ୍ଡା, ଖବରଦାତା ଶଙ୍କର୍ଷଣ ବେହେରା, ରବୀନ୍ଦ୍ର ମିଶ୍ର, ସୁରେନ୍ଦ୍ର ନାଏକ, ଗଣେଶ ରାମ ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ ନୂଆଗାଁ ଗ୍ରାମ ପଞ୍ଚାୟତ ଏକାଦଶ ଓ ବଡ଼କୁଟ୍ରୁ ଗ୍ରାମ ପଞ୍ଚାୟତ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଡକୁଟ୍ରୁ ଦଳ ବିଜୟୀ ହୋଇଥିଲ। ସେହିପରି ଦ୍ୱିତୀୟ ମ୍ୟାଚ କୋଟାଗାଁ ଓ କଲମପୁର ଗ୍ରାମ ପଞ୍ଚାୟତ ଏକାଦଶ ମଧ୍ୟରେ ହୋଇଥିବାବେଳେ କଲମପୁର ଦଳ ବିଜୟୀ ହୋଇଥିଲା।

## ବାଇକ୍‌ରୁ ପଡ଼ି ଯୁବକଙ୍କ ମୃତ୍ୟୁ

ନୂଆପଡ଼ା,୨୦।୪ (ମକାରୁ ବେମାଲ)

ନୂଆପଡା–ଧରମବନ୍ଧା ରାସ୍ତା ଗୋଡତୋରଠାରେ ରବିବାର ସନ୍ଧ୍ୟାରେ ବାଇକ୍‌ରୁ ପଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଆମାନାରା ପଞ୍ଚାୟତ ମୋହରାଡିହି ଗାଁର ବୋଲି ଜଣା ପଡିଛି। ସେ ସିଜି୦୬ଏଚଡି–୦୪୬୪ ନଂ. ବାଇକ୍‌ରେ ନୂଆପଡା ପଟୁ ନିଜ ଗାଁକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ପଡି ଯାଇଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ ବିଳମ୍ବ ହେବାରୁ ଯୁବକଙ୍କ ଜୀବନ ଚାଲିଗଲା ବୋଲି ଲୋକେ ଅଭିଯୋଗ କରୁଛନ୍ତି । ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସୋମବାର ବ୍ୟବଚ୍ଛେଦ ହୋଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି।

## ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ


ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ବୋଡ଼େନ,୨୦।୪ (ଟିକେଶ୍ୱର ନାଗ)

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ ତୀର୍ଥକ୍ଷେତ୍ର ପାତାଳ ଗଙ୍ଗା ରାଧାକୃଷ୍ଣ ମନ୍ଦିରରେ ପ୍ରତିଷ୍ଠା ଦିବସ ଓ ବୈଶାଖ ମେଳା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୋଡ଼େନ ଯାଦବ ସମାଜ ସଭାପତି ରାଜ କିଶୋର ହେର୍ଣ୍ଣାଙ୍କ ସଭାପତିତ୍ୱରେ ମନ୍ଦିର ପରିଚାଳନା କମିଟି ସଭାପତି ହିତେଶ କୁମାର ବଗର୍ତ୍ତି ମୁଖ୍ୟଅତିଥି, ଉପସଭାପତି ଲମ୍ବୋଦର ନିଆଲ, ସମ୍ପାଦକ ବେଦବ୍ୟାସ ନାଗ, ସୁରେଶ ଚନ୍ଦ୍ର ବାଗ, ଚୈତନ୍ୟ ବାଗ, ପୁରୁଷୋତ୍ତମ ନାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିରେ ସମସ୍ତ ଆଞ୍ଚଳିକ କମିଟି ସଭାପତି ଓ ସମ୍ପାଦକ ଉପସ୍ଥିତ ରହି ମତାମତ ରଖିଥିଲେ। ଏହିବର୍ଷ ଅଷ୍ଟପ୍ରହର ନାମଯଜ୍ଞ ସହିତ ଲୋକଙ୍କ ପାଇଁ ଭୋଜନ ବ୍ୟବସ୍ଥା କରାଯିବ ବୋଲି ଆଲୋଚନା ହୋଇଥିଲା।

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ହିତାଧିକାରୀ

ଭବାନୀପାଟଣା,୨୦।୪ (ଉତ୍ତମ କୁମାର ଦାଶ)

### ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ଇ-କେୱାଇସି ନାଁରେ ଟଙ୍କା ଆଦାୟ ଅଭିଯୋଗ

ରାଜ୍ୟରେ ନୂଆ ସରକାର ଆସିବା ପରେ 'ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା' ଓ 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' ଏବଂ 'ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା' ଲାଗୁ କରାଯାଇଛି। କଳାହାଣ୍ଡି ଜିଲାରେ ମଧ୍ୟ ଏହି ଯୋଜନା ଆରମ୍ଭ ହୋଇଛି। ଯୋଜନାର ପ୍ରଥମ ପାଳିରେ ଆଶା ଦିଦିମାନେ ଘର ଘର ବୁଲି ହିତାଧିକାରୀଙ୍କୁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି ।

ଆୟୁଷ୍ମାନ କାର୍ଡ ସହ ବାୟୋମେଟ୍ରିକ ଯୋଡିବା କିମ୍ବା ଇ–କେୱାଇସି ପାଇଁ ସାଧାରଣ ସେବା କେନ୍ଦ୍ର (ସିଏସ୍‌ସି)କୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ଓ କେନ୍ଦ୍ର ସରକାର ଘୋଷଣା ମୁତାବକ ହିତାଧିକାରୀଙ୍କୁ ଏ ବାବଦରେ କୌଣସି ଅର୍ଥ ପୈଠ କରିବାକୁ ପଡିବ ନାହିଁ। ହେଲେ କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ଭବାନୀପାଟଣାର କିଛି କମନ ସର୍ଭିସ ସେଣ୍ଟରରେ ବାୟୋମେଟ୍ରିକ ବା ଇ–କେୱାଇସି ପାଇଁ ହିତାଧିକାରୀଙ୍କଠାରୁ ଅର୍ଥ ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଭବାନୀପାଟଣାର ଶତାଧିକ ହିତାଧିକାରୀ କଳାହାଣ୍ଡି ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଉଭୟ ଯୋଜନାରେ ହିତାଧିକାରୀଙ୍କୁ ଯୋଡିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ମାଗଣା ଘୋଷିତ କରିଥିବା ବେଳେ ଲାଭଖୋର ମନୋବୃତ୍ତି ରଖିଥିବା କମନ ସର୍ଭିସ ସେଣ୍ଟର ଗରିବ ଲୋକଙ୍କୁ ଶୋଷଣ କରୁଥିବା ଅଭିଯୋଗ ହୋଇଛି। ପୂର୍ବରୁ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ଚିଠି (ନଂ.୮୨/ତା୧୫।୦୪।୨୦୨୫) କରାଯାଇ ସର୍ଭିସ ସେଣ୍ଟରଗୁଡିକ ଆୟୁଷ୍ମାନ ଯୋଜନାରେ କୌଣସି ପ୍ରକାର ଅର୍ଥ ଆଦାୟ ନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହାର ଅବମାନନା କଲେ ସମ୍ପୃକ୍ତ ସେଣ୍ଟର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଆକାଉଣ୍ଟ ରଦ୍ଦ କରାଯିବା ନେଇ କଡା ନିର୍ଦ୍ଦେଶ ରହିଛି। ହେଲେ ଏଠି ଜିଲାପାଳଙ୍କ ନିର୍ଦ୍ଦେଶକୁ କମନ ସର୍ଭିସ ସେଣ୍ଟର ଅବମାନନା କରୁଥିବା ଦେଖାଦେଇଛି। ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ସମ୍ପୃକ୍ତ ସେଣ୍ଟର ବିରୋଧରେ ଆଇନ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଯୋଗକାରୀ ଦାବି କରିଛନ୍ତି।

## ଖବର ପ୍ରକାଶ ପରେ ନଳକୂପ ଖନନ

କଲମପୁର, ୨୦।୪(ଗଣେଶରାମ ବାଗ)

### ଧରିତ୍ରୀ ପ୍ରଭାବ

କଳାହାଣ୍ଡି ଜିଲା କଲମପୁର ବ୍ଲକ ପଣ୍ଡିଗାଁ ମାଝିପଡ଼ାରେ କିଡ୍‌ନୀ ରୋଗର ଭୟାବହତା ଶୀର୍ଷକରେ ଧରିତ୍ରୀରେ ଗତ ୧୭ତାରିଖରେ ଖବର ପ୍ରକାଶିତ ହୋଇଥିଲା। ଏହା ପରେ ବ୍ଲକ ପ୍ରଶାସନ ତତ୍ପରତା ଦେଖାଇଥିଲା। ବିଡିଓ ବିଜୟ କୁମାର ମାଣ୍ଡାଙ୍ଗି ଘଟଣାସ୍ଥଳ ପରିଦର୍ଶନ କରି ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଦୁଃଖ ବନ୍ଧୁ ରାହୁଲଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କନିଷ୍ଠ ଯନ୍ତ୍ରୀ ରାଉଳ ନଳକୂପର ପାଣି ସଂଗ୍ରହ କରିବା ସହ ବିଭାଗୀୟ କର୍ମଚାରୀଙ୍କୁ ପଠାଇ ନଳକୂପର ପାଣି ସଫା କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ନଳକୂପ ଭିତରୁ ସରୀସୃପ ବାହାରି ଥିଲା। ଏହି ଖବର ବିଡିଓ ଜାଣିବା ପରେ ତୁରନ୍ତ ନଳକୂପ ଖନନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରବିବାର ଗାଁରେ ନୂତନ ନଳକୂପ ଖନନ ଆରମ୍ଭ ହୋଇଛି। ବିଡିଓଙ୍କ ଏଭଳି ପଦକ୍ଷେପକୁ ପଡାବାସୀ ପ୍ରଶଂସା କରିଛନ୍ତି।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ ବିଶ୍ୱ କଳା ଦିବସ

ଭବାନୀପାଟଣା,୨୦।୪(ଉତ୍ତମ କୁମାର ଦାଶ)

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ରବିବାର କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ବିଶ୍ୱ କଳା ଦିବସ ପାଳିତ ହୋଇଯାଇଛି। ଓଡ଼ିଶାର ଆଦିବାସୀ କଳା ଓ ଐତିହ୍ୟକୁ ପ୍ରୋତ୍ସାହନ, ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ବେଦାନ୍ତର ସିଜମାଳି ବକ୍ସାଇଟ ଟିମ ଦ୍ୱାରା ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। କାର୍ଯ୍ୟକ୍ରମର ବିଶେଷ ଆକର୍ଷଣ ଥିଲା କଳାହାଣ୍ଡିର କଳା ଓ ଗବେଷଣା ମହାବିଦ୍ୟାଳୟ ଅଧ୍ୟାପକମାନଙ୍କ ଦ୍ୱାରା ପରିଚାଳିତ ଓଡ଼ିଶାର ସର୍ବପୁରାତନ ଆଦିବାସୀ କଳା ମଧ୍ୟରୁ ଅନ୍ୟତମ 'ସଉରା କଳା' ଉପରେ ଏକ କର୍ମଶାଳା।

ସଉରା କଳାର ଉତ୍ପତ୍ତି, କୌଶଳ ବିଷୟରେ ୧୨୦ରୁ ଅଧିକ ଅଂଶଗ୍ରହଣକାରୀ ଛାତ୍ର ଅଞ୍ଚଳର ଦେଶୀୟ ସଂସ୍କୃତି ଓ ବିଶ୍ୱରେ ଏହାର ପ୍ରାସଙ୍ଗିକତା ବିଷୟ ଉପରେ ଆଲୋଚନା କରିଥିଲେ।

ଛାତ୍ରୀଛାତ୍ରମାନେ ସେମାନଙ୍କ କଳା ମାଧ୍ୟମରେ ସୃଜନଶୀଳତା ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ବେଦାନ୍ତର ବକ୍ସାଇଟ ମାଇନ୍ସ ସିଇଓ ନୀତିନ ତିୱାରୀ କହିଛନ୍ତି, ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଯୁବପିଢ଼ିକୁ ସେମାନଙ୍କ ସୃଜନଶୀଳ ସାମର୍ଥ୍ୟ ଅନ୍ୱେଷଣ କରିବା ସହିତ ସେମାନଙ୍କ ମୂଳ ସହିତ ପରିଚିତି ପାଇଁ ପ୍ରେରଣା ଦେବାକୁ ଲକ୍ଷ୍ୟ ରଖିଛୁ।



କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## ଦାୟିତ୍ୱବୋଧ, ସହଯୋଗ ଭାବ ସମାଜକୁ ଆଗେଇନେବ


ସମାଜର ବାର୍ଷିକ ସମାବେଶରେ ଉପସ୍ଥିତ କର୍ମକର୍ତ୍ତା।

ଖଡ଼ିଆଳ,୨୦।୪ (ସୁଜିତ କୁମାର ପ୍ରଧାନ)

### ଜିଲା ମେହେର ସମାଜର ବାର୍ଷିକ ସମାବେଶ

ନୂଆପଡ଼ା ଜିଲା ମେହେର (ଭୁଲିଆ) ସମାଜର ୪୩ତମ ଜିଲାସ୍ତରୀୟ ବାର୍ଷିକ ସମାବେଶ ରବିବାର ଡୁଆଝରଠାରେ ଅନୁଷ୍ଠିତ ହୋଇଯାଇଛି। ଡୁଆଝର ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଜିଲାର ବିଭିନ୍ନ ଗ୍ରାମ୍ୟ ସମାଜର କର୍ମକର୍ତ୍ତାଙ୍କୁ ନେଇ ଆୟୋଜିତ ସମାବେଶରେ ଜିଲା ସଭାପତି ବୈଶମ୍ପାୟନ ମେହେର ଅଧ୍ୟକ୍ଷତା କରିଥିଲେ। ସମାଜର ଉପଦେଷ୍ଟା ଡମ୍ବରୁଧର ମେହେର, ରାହାସ ବିହାରୀ ମେହେର, ରାଜ୍ୟ ସମ୍ପାଦକ ନବୀନଚନ୍ଦ୍ର ମେହେର, ରାଜ୍ୟ ଯୁବା ଉପଦେଷ୍ଟା ବୈଷ୍ଣବ ମେହେର, ଜିଲା ଉପସଭାପତି ହରିହର ମେହେର, ତ୍ରିଲୋଚନ ମେହେର, ରତ୍ନାକର ମେହେର, ସଚ୍ଚିଦାନନ୍ଦ ମେହେର, ଜିଲା ସାଧାରଣ ସମ୍ପାଦକ ସୁରେଶ୍ୱର ମେହେର, ସମ୍ପାଦକ ରୂପେଶ ଚନ୍ଦ୍ର ମେହେର, ଝର ମେହେର, ଜିଲା ଯୁବ ସଂଯୋଜକ ହୀରାଧର ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରତିଟି ବ୍ୟକ୍ତି ସମାଜ ପ୍ରତି ଥିବା ଦାୟିତ୍ୱକୁ ହୃଦୟଙ୍ଗମ କରି ନିଷ୍ଠାର ସହ ନିଜ କର୍ତ୍ତବ୍ୟ ସମ୍ପାଦନ କଲେ ଓ ପରସ୍ପର ମଧ୍ୟରେ ସହଯୋଗ ଭାବ ସମାଜକୁ ଆଗେଇନେବ ବୋଲି ମତପ୍ରକାଶ ପାଇଥିଲା। ବିବସ୍ୱ ମେହେର ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ବୁ କୁମାର ମେହେର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସାମାଜିକ କର୍ମୀ ଡମ୍ବରୁଧର ମେହେର, ଅଭିରାମ ମେହେର, ବୁଣାକାର ଯୋଗେନ୍ଦ୍ର ମେହେର, ବିଶ୍ୱମ୍ଭର ମେହେର, ଶିଳ୍ପୀ ଅମିତ କୁମାର ମେହେର, କୁମୁସ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଖୁସବୁ ମେହେର ଓ ଚନ୍ଦନ ମେହେରଙ୍କୁ ସମ୍ମାନିତ କରାଯାଇଥିଲା। ବବିତା ମେହେର, ହେମନ୍ତ ମେହେର, ସଞ୍ଜୁକ୍ତା ମେହେର, ସଜିତ ମେହେର, ଟିଙ୍କି ମେହେର, ସୁଦର୍ଶନ ମେହେର, ଦମୟନ୍ତୀ ମେହେର ମାନପତ୍ର ପଠନ କରିଥିଲେ। ସମାଜର ସଂସ୍କାରମୂଳକ ଆଲୋଚନାରେ ବିଭିନ୍ନ ଗ୍ରାମ୍ୟ କମିଟିର କର୍ମକର୍ତ୍ତା ଅଂଶଗ୍ରହଣ କରି ନିଜ ମତ ରଖିଥିଲେ। ସମାବେଶ ସଫଳ ଆୟୋଜନରେ ଡୁଆଝର ଗ୍ରାମ୍ୟ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଝର ମେହେର ଧନ୍ୟବାଦ ଦେଇଥିଲେ।

# ଚକଡ଼ା ପ୍ରଭାବ: କ୍ଷେତରେ ସ୍ଥିତି ଅନୁଧ୍ୟାନ କଲା କୃଷି ବିଭାଗ

**ଧରିତ୍ରୀ ପ୍ରଭାବ**

- କୀଟନାଶକ ସିଞ୍ଚନ କରୁଥିଲେ ଚାଷୀ
- ଫସଲ ନିରୀକ୍ଷଣ କଲେ କୃଷି ଅଧିକାରୀ
- ସଜାଗ ରହିବାକୁ ସିଡିଏଓଙ୍କ ନିର୍ଦ୍ଦେଶ


ଚକଡ଼ା ପ୍ରଭାବିତ ଫସଲକୁ କୃଷି ବିଭାଗ ଟିମ୍ ନିରୀକ୍ଷଣ କରୁଛନ୍ତି।

**ବରଗଡ଼,୨୦।୪(ପ୍ରେମାନନ୍ଦ ଖମାରୀ)**

ରବି ଧାନଚାଷ ଆରମ୍ଭରୁ ପାଗ ଅନୁକୂଳ ଥିଲା। ଫଳରେ ଏଥର ବରଗଡ଼ ଜିଲାରେ ରବି ଧାନ ଫସଲ ଭଲ ହୋଇଛି। କିନ୍ତୁ ଧାନ ଅମଳକ୍ଷମ ଅବସ୍ଥାକୁ ଯେତେ ପାଖେଇ ଆସୁଛି, ଫସଲରେ ରୋଗପୋକ ଉପଦ୍ରବ ଚାଷୀଙ୍କ ଚିନ୍ତା ସେତେ ବଢ଼ାଇ ଚାଲିଛି। ଧାନ ଫସଲରେ ଚକଡ଼ା ରୋଗପୋକ ଆରମ୍ଭ ହେବା ଏବେ ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ତେବେ 'ଚାଷୀଙ୍କ ଚିନ୍ତା ବଢ଼ାଇଲାଣି ଚକଡ଼ା' ଶୀର୍ଷକ ଏକ ସଚିତ୍ର ବିସ୍ତୃତ ଖବର ଶନିବାର ଧରିତ୍ରୀରେ ପ୍ରକାଶ ପାଇବା ପରେ ରବିବାର ଛୁଟି ଦିବସ ସତ୍ତ୍ୱେ କୃଷି ବିଭାଗର ଏକ ଟିମ୍ ବରଗଡ଼ ବ୍ଲକ କଲାପାଣିକୁ ଯାଇ କ୍ଷେତ୍ର ପରିଦର୍ଶନ କରିବା ସହିତ ପ୍ରଭାବିତ ଫସଲ ନିରୀକ୍ଷଣ କରିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ(ସିଡିଏଓ) ପ୍ରସନ୍ନ କୁମାର ମିଶ୍ରଙ୍କ ସମେତ ସହକାରୀ କୃଷି ଅଧିକାରୀ ସ୍ନେହଲ ମନ୍ଦିପ, କୃଷି ଅଧିଦର୍ଶିକା କୁନ୍ତି ପ୍ରଧାନ, ଦିଲୀପ ଦାଶ ପ୍ରମୁଖ ଏହି ଟିମ୍‌ରେ ଥିଲେ। କଲାପାଣି ଗ୍ରାମର ଚାଷୀ ସୁରେଶ ନେକାଣ୍ଟିଙ୍କ ଚାଷଜମିକୁ ପହଞ୍ଚିଥିଲେ। ସେତେବେଳେ ଚାଷୀ ନେକାଣ୍ଟି ଚକଡ଼ା ପ୍ରଭାବିତ ଧାନ ଫସଲରେ କୀଟନାଶକ ସିଞ୍ଚନ କରୁଥିଲେ। ପ୍ରଭାବିତ ଫସଲରେ ପ୍ରୟୋଗ କରୁଥିବା କୀଟନାଶକକୁ ଉକ୍ତ ଟିମ୍ ଦେଖିଥିଲେ ଏବଂ ସେହି କୀଟନାଶକ ପ୍ରୟୋଗ ସତ୍ତ୍ୱେ ଚକଡ଼ା ପ୍ରତିହତ ନ ହେଲେ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରି ଆବଶ୍ୟକ ପରାମର୍ଶ ନେବାକୁ ମୁଖ୍ୟ ଜିଲା କୃଷି ଅଧିକାରୀ ମିଶ୍ର କହିଥିଲେ। ସେହିପରି ଚକଡ଼ା ଅଧିକ ବ୍ୟାପିଲେ ରିହାତିରେ କୀଟନାଶକ ଯୋଗାଇ ଦେବାର ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ତାଙ୍କୁ ଉକ୍ତ ଟିମ୍ କହିଥିବା ଚାଷୀ ନେକାଣ୍ଟି ପ୍ରକାଶ କରିଛନ୍ତି।

ତେବେ ବର୍ତ୍ତମାନ ତାପମାତ୍ରା ବୃଦ୍ଧି ଏବଂ ବିଲରେ ରହିଥିବା ପାଣି ଯୋଗୁ ବିଭିନ୍ନ ରୋଗପୋକର ପ୍ରାଦୁର୍ଭାବ ଦେଖାଯାଉଥିବା ଯୋଗୁ କୃଷି ବିଭାଗ ସହିତ ଯୋଗାଯୋଗ କରି କେବଳ ଅନୁମୋଦିତ କୀଟନାଶକ ପ୍ରୟୋଗ ପାଇଁ ମୁଖ୍ୟ ଜିଲା କୃଷି ଅଧିକାରୀ ଚାଷୀଙ୍କୁ ପରାମର୍ଶ ଦେବା ସହିତ ସଚେତନ କରାଇଥିଲେ। ସେହିପରି ସାମ୍ପ୍ରତିକ ଧାନ ଫସଲରେ ରୋଗପୋକ ଉପଦ୍ରବ ସମ୍ଭାବନାକୁ ଦୃଷ୍ଟିରେ ରଖି ସେଥିପ୍ରତି ସଜାଗ ରହିବା ସହିତ ନିୟମିତ ସର୍ବେକ୍ଷଣ, ଉପଯୁକ୍ତ କୀଟନାଶକ ଅନୁମୋଦନ କରିବା ପାଇଁ ସମସ୍ତ କୃଷି ଅଧିକାରୀ ଏବଂ କ୍ଷେତ୍ର କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ ମିଶ୍ର କହିଛନ୍ତି। ଅନ୍ୟପଟେ ଏଭଳି ସ୍ଥଳେ ଚାଷୀମାନେ ମଧ୍ୟ କୃଷି ବିଭାଗ କର୍ମଚାରୀଙ୍କୁ ତୁରନ୍ତ ଫସଲ ସ୍ଥିତି ଉପରେ ଅବଗତ କରିବା ଏବଂ ଆବଶ୍ୟକ ପରାମର୍ଶ ନେବାକୁ ମୁଖ୍ୟ ଜିଲା କୃଷି ଅଧିକାରୀ ଚାଷୀମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି।

ପ୍ରକାଶଥାଉ କି, ଗତ କିଛିଦିନ ହେଲା, ଜିଲାର ବିଭିନ୍ନ ଅଞ୍ଚଳର ଧାନ ଫସଲରେ ରୋଗପୋକଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଛି। କିଛିଦିନ ତଳେ ବରଗଡ଼ ବ୍ଲକ ଅନ୍ତର୍ଗତ ଗାଇସୀମା, ଧାଙ୍ଗେର, କୁରୁଆଁ, ଖଣ୍ଡହଥା ଅଞ୍ଚଳର ଧାନକେଣ୍ଡା ଅଗାଡ଼ି ହୋଇ ଯାଉଥିବା ପରିଲକ୍ଷିତ ହୋଇଥିଲା। ତେବେ ତାହା ସମ୍ପୂର୍ଣ୍ଣ ନିୟନ୍ତ୍ରଣ ନ ହେଉଣୁ ଗାଇସୀମା, କଲାପାଣି ଆଦି ଅଞ୍ଚଳରେ ଧାନ ଫସଲରେ ଚକଡ଼ା ରୋଗପୋକ ଉପଦ୍ରବ ଆରମ୍ଭ ହୋଇଥିବା ଚାଷୀମାନେ କହିଛନ୍ତି। ଏଭଳି ସ୍ଥିତିରେ ପ୍ରଭାବିତ ଫସଲରେ ଉପଯୁକ୍ତ କୀଟନାଶକ ପ୍ରୟୋଗ କରା ନ ଗଲେ ତାହା ସବୁଆଡ଼େ ବ୍ୟାପୀ ଫସଲକୁ ଧୂଳିସାତ୍ କରି ଦେବାର ଆଶଙ୍କା ରହିଛି। ସେହିପରି କୃଷି ବିଭାଗ ମଧ୍ୟ ଏଥିପ୍ରତି ସଚେତନ ହୋଇ ଚାଷୀଙ୍କୁ ଉଚିତ ପରାମର୍ଶ ଦେବାର ଯଥେଷ୍ଟ ଆବଶ୍ୟକତା ରହିଛି। ସେଥିପ୍ରତି ସଜାଗ ରହି ବିହିତ ପଦକ୍ଷେପ ନେବାକୁ ଜିଲାର ସମସ୍ତ କୃଷି କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟ ଜିଲା କୃଷି ଅଧିକାରୀ ମିଶ୍ର କହିଛନ୍ତି।

# ବିପର୍ଯ୍ୟୟ ମୁକାବିଲା ସଚେତନତା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଏନ୍‌ଡିଆର୍‌ଏଫ୍ ଟିମ୍ ଓ ଅନ୍ୟମାନେ ।

**ପାଇକମାଲ,୨୦।୪(ବଡ଼ ଶତପଥୀ)**

ପାଇକମାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିପର୍ଯ୍ୟୟ ମୁକାବିଲା ସଚେତନତା କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଡ. ଦାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଯାଇଛି। ଏନ୍‌ଡିଆର୍‌ଏଫ କଟକ ଶାଖା ଏସଆଇ ବିବେକ କୁମାର ପାଣ୍ଡେଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପ୍ରାଥମିକ ଚିକିତ୍ସା, ନିଆଁ ଲାଗିଲେ, ପାଣିରେ ବୁଡ଼ି ଯାଉଥିଲେ ଆଦି ବିଷୟରେ ସୁନିଲ କୁମାର, ଚୁନ୍ନିଲାଲ ପ୍ରଧାନ, ଧର୍ମେନ୍ଦ୍ର କୁମାର, ଲକ୍ଷ୍ମୀଧର ସ୍ୱାଇଁ ଓ ପଙ୍କଜ ଶର୍ମା ସଚେତନତା ସୃଷ୍ଟି ସହ ମୁକାବିଲାର ଉପାୟ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ୧୨୮ଜଣ ଛାତ୍ରୀଛାତ୍ର ଓ ୧୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟରେ ପ୍ରଥମ ଅଭିଭାବକ, ଶିକ୍ଷକ/ ଶିକ୍ଷୟିତ୍ରୀ ଓ ଏସ୍‌ଏମ୍‌ଡିସି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୯୫ ଜଣ ଅଭିଭାବକ ଅଂଶ ଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ଶିକ୍ଷା କ୍ୟାଲେଣ୍ଡର, ପୋଷଣ ଯୋଜନା, ପୋଷାକ ଯୋଜନା, ସାଇକେଲ ଯୋଜନା, ପରୀକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ତ୍ରିଲୋଚନ ନାୟକ ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ବଣୁଆ ହାତୀ ବୁଲୁଥିବା ଅଞ୍ଚଳରେ ସଚେତନତା


ବନ ବିଭାଗ ପକ୍ଷରୁ ସଚେତନତା କରାଯାଉଛି।

**ପଦ୍ମପୁର, ୨୦।୪ (ପ୍ରଦୀପ୍ତ ଦାଶ)**

ପଦ୍ମପୁର ବନାଞ୍ଚଳର ଜମରତଲା ଅଞ୍ଚଳରେ ବଣୁଆ ହାତୀ ବୁଲୁଥିବା ସୂଚନା ପାଇ ରବିବାର ବନ ବିଭାଗ ପକ୍ଷରୁ ସଚେତନତା କରାଯାଇଛି। ପଦ୍ମପୁର ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲା ନେତୃତ୍ୱରେ ଗଠିତ ଟିମରେ ଫରେଷ୍ଟର ସରୋଜ ସାହୁ, ଚିନ୍ମୟୀ ମହାପାତ୍ର, ଲିଜି ମହାପାତ୍ର, ପଦ୍ମିନୀ ଭୋଇ ଆଦି ଜମରତଲା, ବଞ୍ଜୀଝୁଲା, ଲେନ୍ଦ୍ରାପାଲି, ଫୁଲମତୀପୁର, ଡ଼ଙ୍ଗାଛଆ, ରାଇ ବହାଦୁରପୁର ଆଦି ଗ୍ରାମକୁ ପହଞ୍ଚି ଗ୍ରାମବାସୀଙ୍କୁ ସଚେତନ କରିବା ସହ ରାତିରେ ପଦାକୁ ନ ବାହାରିବା ଏବଂ ଭୋରରୁ ମହୁଲ ଓ କେନ୍ଦୁପତ୍ର ସଂଗ୍ରହ କରିବା ପାଇଁ କେହି ନ ଯିବା ନେଇ ସତର୍କ କରି କରିଛନ୍ତି । ଉଭୟ ବଣ ମଇଁଷି ଓ ହାତୀ ଉପରେ ବନବିଭାଗର ତୀକ୍ଷ୍ଣ ନଜର ରହିଛି ବୋଲି ପଦ୍ମପୁର ବନାଞ୍ଚଳ ଅଧିକାରୀ ସୁଦାମ ଜଗଦଲା ସୂଚନା ଦେଇଛନ୍ତି ।

# ବରଗଡ଼ର ବିକାଶକୁ ନାଗରିକ ମଞ୍ଚର ଗୁରୁତ୍ୱ


ବରଗଡ଼ ନାଗରିକ ମଞ୍ଚର ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା, ସଦସ୍ୟବୃନ୍ଦ।

**ବରଗଡ଼,୨୦।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ନାଗରିକ ମଞ୍ଚର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ବରଗାଁ ଗ୍ରାମ୍ୟ ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ର ବିକାଶ ଦିଗରେ ନାଗରିକ ମଞ୍ଚ ଆହୁରି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବ ବୋଲି ନିଷ୍ପତ୍ତି ନେଇଥିଲା। ସେହିପରି ନାଗରିକ ମଞ୍ଚର ଦାବି ଏବଂ ଆନ୍ଦୋଳନ ଚେତାବନୀ ପରେ ବାଇକ ଚୋରି ରାକେଟ ଠାବ କରିବାରେ ସକ୍ଷମ ହୋଇଥିବା ଯୋଗୁ ପୋଲିସର କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲା। ଆଗକୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ନାଗରିକ ମଞ୍ଚ ସକାରାତ୍ମକ ଭୂମିକା ଗ୍ରହଣ କରିବା ସହ ବ୍ୟବସ୍ଥାଗତ ତ୍ରୁଟିକୁ ଉଜାଗର କରିବ ବୋଲି ମଞ୍ଚର ସକ୍ରିୟ ସଦସ୍ୟ ଭବାନୀ ସାହୁ କହିଛନ୍ତି। ମଞ୍ଚର ଉପଦେଷ୍ଟା ତଥା ଆଇନଜୀବୀ ଭୀଷ୍ମଦେବ ସରାଫ ସଂଗଠନର ଏକତା, ସକ୍ରିୟତା ଉପରେ ଆଲୋକପାତ କରିଥିଲେ। ବିରେନ ପ୍ରଧାନ, ଭରତ ମହାନ୍ତି, ସତ୍ୟ ମେହେର, ଜିତୁ ଭୋଇ, ଅନୁପ ଶତପଥି, ଶିବାନନ୍ଦ ମଟାରୀ, ମହେନ୍ଦ୍ର ପୁରୋହିତ, ଚୈତନ ପାଇକ, ବିଘ୍ନେଶର ମିଶ୍ର, ଶୟନ ପଣ୍ଡା, ଟିଙ୍କୁ ନନ୍ଦ, ଶ୍ରବଣ ଶର୍ମା, ନିରଞ୍ଜନ ବାରିକ, ଅନିରୁଦ୍ଧ ନାୟକ, ପ୍ରଶାନ୍ତ କୁମାର, ସୁଦାମ ସାହୁ,ପ୍ରମୋଦ ବେହେରା, ଲତିଫ ଖାନ, ମନୋହର ପ୍ରଧାନ, ସୁରେଶ ମହାନନ୍ଦ, ସୁରଥ ସାହୁ, ସୁଶାନ୍ତ ସାହୁ, ଆଶିଷ ତ୍ରିପାଠୀ, ନିଖିଳ ପାଣିଗ୍ରାହୀ, ଜିତୁ ମେହେର, ସଞ୍ଜୀବ ବର୍ଗତି,ସରୋଜ ନାଏକ, ସୁବାସଷ ପ୍ରଧାନ, ସୁଧୀର ବରିହା, ଜୀବନ ଲାଲ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ୨୪ରୁ ଗୋଡ଼ଭଗା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ

**ଅତାବିରା/ଗୋଡଭଗା,୨୦।୪ (ଯୁଧିଷ୍ଠିର ମହାପାତ୍ର/ ସୁରେଶ ଦାଶ)**


ଖବରଦାତା ସମ୍ମିଳନୀରେ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ନେଇ ଆଲୋଚନା ଚାଲିଛି।

**ଖବରଦାତା ସମ୍ମିଳନୀ**

**ଯୋଗ ଦେବେ ମନ୍ତ୍ରୀ ଓ ବିଧାୟକ**

ଅତାବିରା ବ୍ଲକ ଅନ୍ତର୍ଗତ ଗୋଡ଼ଭଗାରେ ନବନିର୍ମିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ମହୋତ୍ସବ ଚଳିତ ମାସ ୨୪ତାରିଖରୁ ୩୦ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ଗୋଡ଼ଭଗା ଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପଠାରେ ଏକ ଖବରଦାତା ସମ୍ମିଳନୀ ଗତ ଶନିବାର ରାତି ୭ଟାରେ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ସଭାପତି ସୁନୀଲ ମିଶ୍ର, ସମ୍ପାଦକ ଅକ୍ଷୟ କର୍ଣ୍ଣ ଏବଂ କୋଷାଧ୍ୟକ୍ଷ ବାଳକୃଷ୍ଣ ସାହୁ ମଞ୍ଚସୀନ ଥିଲେ। ୨୪ତାରିଖ ଗୋଡ଼ଭଗା ଶିବମନ୍ଦିରରୁ କଳସଯାତ୍ରାରେ ଘଣ୍ଟବାଦ୍ୟ, ଶଙ୍ଖନାଦ, ସଂକୀର୍ତ୍ତନ, ବିଶ୍ୱ ଦୁଦୁଲି ବାବେବିରା ଅଂଶଗ୍ରହଣ କରିବ। ଶାଳା ସଂସ୍କାର, ଯଜ୍ଞାରମ୍ଭ, ଦେବଦେବୀଙ୍କର ଆବାହନ, ମୁଖ୍ୟ ଦେବତାଙ୍କର ସଂକ୍ଷିପ୍ତ ଉପଚାର, ଅଗ୍ନିସ୍ଥାପନ ପୂଜା। ୨୫ତାରିଖ ପ୍ରାତଃସ୍ମରଣ ବେଦପାଠ, ଗୋପୂଜା, ସୂର୍ଯ୍ୟପୂଜା, ଯୁପାଧିବାସ, ଯୁପସ୍ନାନ, ଶିଖରୀସ୍ନାନ,ନବନିର୍ମିତ ମୂର୍ତ୍ତିମାନଙ୍କର ଶସ୍ୟାଧିବାସ, ପ୍ରାସାଦ ଅଧିବାସ, ମୂଳମନ୍ତ୍ର ହୋମ, ବିଷ୍ଣୁସହସ୍ରନାମ ହୋମ। ୨୬ତାରିଖ ପ୍ରାତଃକାଳେ ଆବାହିତ ଦେବାଦେବୀଙ୍କର ଯଥାବିହିତ ପୂଜନ, ମୁଖ୍ୟ ଦେବତାଙ୍କର ଷୋଡ଼ଶ ଉପଚାର ପୂଜନ, ଦେବତା ମହାସ୍ନାନ, ବୈଦିକ ସୂକ୍ତ ଏବଂ ଗୋପାଳ ସହସ୍ର ନାମ,ରୁଦ୍ରାଯାଗ ହୋମ । ୨୭ତାରିଖ ଚତୁଃଷଷ୍ଠୀ ଉପଚାର, ଦେବଦେବୀ ନ୍ୟାସ, ଷୋଡ଼ଶ ସାନ୍ନିଧ, ଶ୍ରୀବିଦ୍ୟା ଅର୍ଜନ, ମୂଳ ମନ୍ତ୍ର ତଥା ଜଗନ୍ନାଥ ସହସ୍ରନାମ ଏବଂ ଲକ୍ଷ୍ମୀ ସହସ୍ର ନାମ ହୋମ ।

୨୮ତାରିଖ ଶତ ଉପଚାର ପୂଜନ, ପ୍ରାସାଦ ନ୍ୟାସ, ସିଂହାସନ ପ୍ରତିଷ୍ଠା, ଅଷ୍ଟଶିଳା ପୋତନ,ପ୍ରାଣପ୍ରତିଷ୍ଠା, ବିଷ୍ଣୁ ଗାୟତ୍ରୀ ଏବଂ ସପ୍ତଶତୀ ଚଣ୍ଡୀ ଯାଗ । ୨୯ତାରିଖ ଚତୁର୍ଦ୍ଧାମୂର୍ତ୍ତିଙ୍କର ବିଶେଷ ପୂଜା, ଛପନ ଭୋଗ, ଜପଯଜ୍ଞ, ଶ୍ରୀମଦ୍ ଭାଗବଦ୍ ଗୀତା ଯାଗ, ଚଳନ୍ତିବିଜେ ନଗର ପରିକ୍ରମା। ୩୦ତାରିଖ ପ୍ରାତଃକାଳେ ଆବାହିତ ଦେବଦେବୀଙ୍କର ଯଥାବିହିତ ପୂଜନ, କର୍ତ୍ତାସ୍ନାନ, ଯୁପସ୍ଥାପନ, ଧ୍ୱଜକଳସାଦି ସ୍ଥାପନ, ଅମୃତ ଲଗ୍ନେ ଦେବତା ପ୍ରବେଶ, ସ୍ୱର୍ଗଦ୍ୱାର ଉନ୍ମୋଚନ ଏବଂ ପୂର୍ଣ୍ଣାହୁତି।

ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମରେ ୨୪ ତାରିଖରେ ମଣ୍ଡା ଓ ତାଳାବିରା କୃଷ୍ଣଗୁରୁ। ୨୫ତାରିଖ ମୁରାସୁର ଦରବାର। ୨୬ରେ ମାଁ ମଙ୍ଗଳା ପରିଷଦ ମହିଳା ପାଲା ଢେଙ୍କାନାଳ। ସନ୍ଧ୍ୟାରେ କଳାଜୀବୀ ଡ୍ୟାନ୍ସ ଗ୍ରୁପ, ବରଗଡ଼। ୨୭ତାରିଖ ଇତିଶ୍ରୀ କର, ଉତରା, ସୁମି ବାଗଙ୍କ ମହିଳା ସଂକୀର୍ତ୍ତନ,ସନ୍ଧ୍ୟାରେ କ୍ରିଷ୍ଟା ଏଣ୍ଡ ଗ୍ରୁପ ଭଜନ, ଗୋଶାଳା ।

୨୮ତାରିଖ ସେସିରେନ୍ଦ୍ରୀ ଜାଲ ,ତାମ୍ପିମୁଣ୍ଡା, ଓ କସ୍ତୁରୀ କିସାନ, ମୁଣ୍ଡକାଟିର ମହିଳା ସଂକୀର୍ତ୍ତନ। ସନ୍ଧ୍ୟାରେ ସିଦ୍ଧେଶର ସଙ୍ଗୀତ ସନ୍ଧ୍ୟା ଭଜନ ଗ୍ରୁପ। ୨୯ତାରିଖ ଭଜନ କାର୍ଯ୍ୟକ୍ରମ, ପ୍ରାପ୍ତି ଆଶ୍ଚର୍ଯ୍ୟଙ୍କ ପାରାୟଣ, ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ, ବ୍ରହ୍ମପୁର, ଉଡ଼ାନ- ସମ୍ବଲପୁର ୩୦ତାରିଖ ଭଜନ କାର୍ଯ୍ୟକ୍ରମ, ମୋନାଲି ମହାପାତ୍ରଙ୍କ ପାରାୟଣ,ସନ୍ଧ୍ୟାରେ ଭଜନ ସମ୍ରାଟ ପଦ୍ମଶ୍ରୀ ଅନୁପ ଜଲୋଟା ଓ ଏଲ. ନୀତେଶ କୁମାର, ମୁମ୍ବାଇଙ୍କ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ଦିନରେ ଉପ ମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ, ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ମୁକେଶ ମହଲିଙ୍ଗ, ବିଧାୟକ ଜୟ ନାରାୟଣ ମିଶ୍ର, ସୁଦର୍ଶନ ହରିପାଲ, ଅଶ୍ୱିନୀ ଷଡ଼ଙ୍ଗୀ, ନୀହାର ରଞ୍ଜନ ମହାନନ୍ଦ, ଟଙ୍କଧର ତ୍ରିପାଠୀ, ରବି ନାୟକ, ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଏବଂ ସମସ୍ତ ଦିନରେ ପୂର୍ବତନ ବିଧାୟକ ନାଉରୀ ନାୟକ ଉପସ୍ଥିତ ରହିବାର କାର୍ଯ୍ୟକ୍ରମ ରହିଥିବା ସଭାପତି ଜଣାଇଛନ୍ତି।

# କାରାଗାରରେ ଇସ୍କନର ସଂସ୍କାର କାର୍ଯ୍ୟକ୍ରମ



ସଂସ୍କାର କାର୍ଯ୍ୟକ୍ରମରେ ଇସ୍କନର ପ୍ରତିନିଧିବୃନ୍ଦ।

**ବରଗଡ଼,୨୦।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଉପ କାରାଗାରରେ ଶନିବାର ଏକ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାରାଗାର ଅଧୀକ୍ଷକ ସଲମାନ କୁଜୁରଙ୍କ ଅଧ୍ୟକ୍ଷତାରେ ଇସ୍କନ ପକ୍ଷରୁ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଇସ୍କନର ଅଧ୍ୟକ୍ଷ ପୂଜ୍ୟପାଦ ରସରାଜ ରାଧିକେଶ ଦାସ କୃଷ୍ଣକଥା ପ୍ରବଚନ କରିଥିବା ବେଳେ ଅଭିଜିତ କୃଷ୍ଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହା ସହିତ ପୂଜ୍ୟପାଦ ଭାଗୀରଥି ଚୈତନ୍ୟ ଦାସ ମୃଦଙ୍ଗ ବାଦନ କରିଥିଲେ। ଇସ୍କନ କେନ୍ଦ୍ରର ଅନ୍ୟତମ ମୁଖ୍ୟ ସଦସ୍ୟ ତନୁଜା ପାତ୍ର ଓ ପକଲା ସାହୁ ମାତା କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। କାରାଗାର ଅନ୍ତେବାସୀମାନେ ଏଭଳି ସଂସ୍କାର କାର୍ଯ୍ୟକ୍ରମରେ ବହୁ ଉପାଦେୟ ଜ୍ଞାନ ଆହରଣ କରୁଛନ୍ତି ଏବଂ ପ୍ରତ୍ୟେକ କାରାଗାରରେ ଏଭଳି କାର୍ଯ୍ୟକ୍ରମ କରାଗଲେ ଅନ୍ତେବାସୀମାନେ ସଂସ୍କରୀ ହୋଇପାରିବେ ବୋଲି କୁଜୁର ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସବ୍‌ଜେଲର ପଞ୍ଚାନନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବୋଡ଼ାସମ୍ବର ଭୁଲିଆ ସମାଜର ବାର୍ଷିକ ସମ୍ମିଳନୀ


ଭୁଲିଆ ସମାଜର କର୍ମକର୍ତ୍ତା।

**ପଦ୍ମପୁର,୨୦।୪ (ପ୍ରଦୀପ୍ତ ଦାଶ)**

ବୋଡ଼ାସମ୍ବର ମେହେର (ଭୁଲିଆ) ସମାଜର ବାର୍ଷିକ ସମ୍ମିଳନୀକୁ ଧରେନପାଲି ଗ୍ରାମରେ ସଭାପତି ରୋହିତ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କରୁଣାକର ମେହେର ଓ ରାମଚନ୍ଦ୍ର ମେହେର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବୋଡ଼ାସମ୍ବର ଅଞ୍ଚଳର ବିଭିନ୍ନ ଜୋନରୁ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଯୋଗଦାନ କରିଥିଲେ। ମାଁ ସମଲେଶ୍ୱରୀ, ସ୍ୱଭାବ କବି ଗଙ୍ଗାଧର ମେହେର ଓ ମଙ୍ଗା (ତନ୍ତ) ଫୋଟ ଚିତ୍ରକୁ ପୂଜାର୍ଚ୍ଚନା କରାଯାଇଥିଲା। ଉପଦେଷ୍ଟା ଶେଷଦେବ ମେହେର ସ୍ୱାଗତ ଜଣାଇବା ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ବିପିନ ବିହାରୀ ମେହେର ବାର୍ଷିକ ଆୟ ବ୍ୟୟ ବିବରଣୀ ପଠନ କରିଥିଲେ। ସଭାପତି ରୋହିତ କୁମାର ମେହେର ସମାଜର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସମାଜର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ଜୋନ ସଭାପତିମାନଙ୍କୁ ପୁଷ୍ପମାଲ୍ୟ ଓ ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା। ଭୁଲିଆ ସମାଜ କୁଧରେନପାଲି ଗ୍ରାମର ଝିଅମାନେ ନୃତ୍ୟ ପରିବେଷଣ ଏବଂ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଉପଦେଷ୍ଟା ଶେଷଦେବ ମେହେର, ଯୁବାମଞ୍ଚ ସଭାପତି ରୀତେଶ ରଞ୍ଜନ ମେହେର, ଜୋନ ସଭାପତି - ପ୍ରଫୁଲ୍ଲ ମେହେର, ଉପେନ୍ଦ୍ର ମେହେର ପ୍ରମୁଖ ମଞ୍ଚାସୀନ ରହି ସମାଜର ସୁବିଧା ଓ ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ସେହିପରି ନାଗେନମାଲ, କୁଧରେନପାଲି, ଦର୍ଲିପାଲି ଗ୍ରାମର ଭୁଲିଆ ସମାଜ ସଦସ୍ୟମାନେ ବିଭିନ୍ନ କାର୍ଯ୍ୟନିର୍ବାହ କରିଥିଲେ। ଭରତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଲୁପ୍ତ ହେବାକୁ ଯାଉଥିବା ମାଣ୍ଡିଆଚାଷର ପୁନରୁଦ୍ଧାର

**ପଦ୍ମପୁର,୨୦।୪ (ପ୍ରଦୀପ୍ତ ଦାଶ)**



ମହିଳାଙ୍କ ଦ୍ୱାରା ମାଣ୍ଡିଆ ଚାଷ।

**ମରୁଡ଼ି ଅଞ୍ଚଳର ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ**

ପଦ୍ମପୁର ବ୍ଲକ ଏକ ଅଣଜଳ ସେଚିତ ଅଞ୍ଚଳ। ବିଗତ ୬ ବର୍ଷ ହେଲାଣି ତ୍ରିରଙ୍ଗା ଯୁବକ ସଂଘ ଦ୍ୱାରା ରାଜ୍ୟ ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନରେ ଯୋଡ଼ି ହୋଇ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିଆସୁଛି। କୃଷି ଓ ମାନବୀୟ ସ୍ୱାସ୍ଥ୍ୟ ତଥା ପରିବେଶ ଉପରେ ଜଳାବାୟୁ ପରିବର୍ତ୍ତନ ଏବଂ ରାସାୟନିକ କୃଷିର କ୍ଷତି ପ୍ରଭାବର ମୁକାବିଲା ଲାଗି ଦେଶୀ ବିହନରେ ଜୈବିକ କୃଷି ପଦ୍ଧତିକୁ ମାଧ୍ୟମ କରି ପୁଷ୍ଟି ଯୁକ୍ତ ଫସଲର ପ୍ରଚାର ପ୍ରସାର ଗୁଣାତ୍ମକ ଦେଶୀ ବିହନର ଉତ୍ପାଦନ ପାଇଁ ଚେଷ୍ଟିତ। ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଶ୍ରୀ ଅନ୍ନ ଅଭିଯାନ ଯୋଜନା ମାଧ୍ୟମରେ ୯୩୭ ଜଣ ମାଣ୍ଡିଆ ଚାଷୀ ୬୪୬ ହେକ୍ଟର ଜମିରେ ଚାଷକରିଛନ୍ତି। ତ୍ରିରଙ୍ଗା ଯୁବକ ସଂଘ ନିଜର ବିଚାରରେ ଧାନ ଚାଷ ସହିତ ମାଣ୍ଡିଆ ଚାଷ ଚାଷୀମାନଙ୍କ ଖାଦ୍ୟ ପରିବର୍ତ୍ତନରେ ଚେଷ୍ଟା ଜାରି ରଖିଛି। ଏହି ପ୍ରକଳ୍ପକୁ ସଫଳ କରିବା ପାଇଁ ୭୫ଟି ଗାଁରେ ମାସିକ ବୈଠକ ସାହାଯ୍ୟରେ ମାଣ୍ଡିଆ ଚାଷର ତାଲିମ ଖାଦ୍ୟ ଅଭ୍ୟାସ ଓ ଆର୍ଥିକ ସ୍ଥିତି ମଜଭୁତ କରିବାକୁ ସଦାବେଳେ ଚେଷ୍ଟିତ। ପୁଷ୍ଟି ଯୁକ୍ତ ଖାଦ୍ୟର ଉପାଦେୟତାକୁ ନେଇ ଜନ ସଚେତନତା ସହ ମାଣ୍ଡିଆ ଓ ପୁଷ୍ଟି ଯୁକ୍ତ ଜାତୀୟ ଫସଲକୁ ବିଭିନ୍ନ ରକମର ଖାଦ୍ୟ ପ୍ରସ୍ତୁତି ଜନିତ ତାମିଲ ଓ ପ୍ରଦର୍ଶନୀର ଗତିବିଧି ହାତକୁ ନିଆଯାଇଛି। ସେ ମଧ୍ୟରୁ ପଦ୍ମପୁର ମା ଦୁର୍ଗା ଏସ୍‌ଏଚ୍‌ଜି ମା'ମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିମାନଙ୍କୁ ନେଇ ଏକ ଆଉଟଲେଟ ପଦ୍ମପୁର କଚେରୀ ଛକରେ କରାଯାଇଛି। ପ୍ରତିଦିନ ମାଣ୍ଡିଆ ଚକୁଳି, ଆରିଶା, ଦୋଷା, ଏହିପରି ମାଣ୍ଡିଆର ପ୍ରସ୍ତୁତି ଖାଦ୍ୟ ଖାଉଟିଙ୍କୁ ଖାଦ୍ୟ ଅଭ୍ୟାସରେ ପରିବର୍ତ୍ତନ ପାଇଁ ଚେଷ୍ଟା ଜାରି ରଖିଛନ୍ତି । ପ୍ରତିଦିନ ୧୨୦ରୁ ଅଧିକ ଖାଉଟି ମଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ଖାଉଛନ୍ତି। ତା' ସହିତ ନିଜ ପରିବାର ପାଇଁ ମଧ୍ୟ ନେଉଛନ୍ତି।

ଚଳିତ ବର୍ଷ ପଦ୍ମପୁର ବ୍ଲକରେ ୯୩୭ ଜଣ ମାଣ୍ଡିଆ ଚାଷୀ ନିଜର ଉତ୍ପାଦିତ ମାଣ୍ଡିଆ ଖାଇବା ପାଇଁ ରଖି ବଳକା ମାଣ୍ଡିଆକୁ ମଣ୍ଡି ମାଧ୍ୟମରେ ଖରିଫ ୨୦୨୪-୨୫ରେ ୫୦୦୦ କୁଇଣ୍ଟାଲ ବିକ୍ରି କରିଛନ୍ତି। ଯାହା ମାଣ୍ଡିଆ ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହେଉଛି। ଲୁପ୍ତ ହେବାକୁ ବସିଥିବା ମାଣ୍ଡିଆ ଚାଷ ସମୟରେ ବିଳମ୍ବିତ ଓ ଅସମୟ ବର୍ଷାର ପ୍ରଭାବ ଓ ନୂତନ ଚାଷ ପଦ୍ଧତି କାରଣରୁ ସ୍ୱଳ୍ପ କ୍ଷୟକ୍ଷତି ସତ୍ତ୍ୱେ ଚାଷୀମାନେ ବଡ଼ ଆଗ୍ରହ ସହ ଏହି ଶ୍ରୀ ଅନ୍ନ ପ୍ରକଳ୍ପରେ ସକ୍ରିୟ ଅଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସରକାରଙ୍କ ଏହି ପ୍ରକଳ୍ପ ଜିଲା କୃଷି ବିଭାଗଙ୍କ ସାହାଯ୍ୟ ଓ ସହଯୋଗରେ ସଫଳ ହୋଇଛି।

## ସଂକ୍ଷେପରେ

### ମରାମତି କାର୍ଯ୍ୟ ପାଇଁ ରେଳ ଚଳାଚଳ ବ୍ୟାହତ

ରାଉରକେଲା,୨୦।୪(ସଙ୍ଗୀତା ଜେନା)

ଦକ୍ଷିଣ ପୂର୍ବ ରେଳବାଇ ଚକ୍ରଧରପୁର ମଣ୍ଡଳରେ ମରାମତି ଓ ରେଳ ଲାଇନ୍ କାର୍ଯ୍ୟ ପାଇଁ ୨୦ରୁ ୨୮ ତାରିଖ ଯାଏ ଟ୍ରେନ ଚଳାଚଳ ବନ୍ଦ ହେବ ବୋଲି ସୂଚନା ମିଳିଛି। ହାଟିଆ-ରାଉରକେଲା ଓ ରାଉରକେଲା-ହାଟିଆ (୫୮୬୫୯ ଓ ୫୮୬୬୦), ରାଉରକେଲା ଟାଟାନଗର ମେମୁ ଓ ଟାଟାନଗର ରାଉରକେଲା ମେମୁ (୬୮୦୪୪ ଓ ୬୮୦୪୩), ପୁରୀ ହାଟିଆ ତପସ୍ୱିନୀ ତଥା ହାଟିଆ ପୁରୀ (୧୮୪୫୨), ବିରମିତ୍ରପୁର ବରସୁଆଁ ପାସେଞ୍ଜର( ୫୮୧୫୧ ଓ ୫୮୧୫୨), ହାଟିଆ ଝାରସୁଗୁଡ଼ା ହାଟିଆ ଏକ୍ସପ୍ରେସ(୬୮୦୫୩୦), ରାଉରକେଲା ଚକ୍ରଧରପୁର ମେମୁ(୬୮୦୨୬), ହାଟିଆ ଦୁର୍ଗ(୦୮୧୮୫), ଟାଟା ବିଲାସପୁର, ଭୁବନେଶ୍ୱର ଧାନବାଦ ସ୍ପେଶାଲ, ଟାଟାନଗର, ବିଲାସପୁର, ଭିୱାଣ୍ଡିଖଡ଼ଗପୁର, ଗୁଣୁପୁର ରାଉରକେଲା ଏକ୍ସପ୍ରେସ, ଟାଟାନଗର ଏନ୍‌ଏସ୍‌ସି ବୋଷ ଇତୱାରୀ ଟାଟାନଗର ଏକ୍ସପ୍ରେସ (୧୮୧୦୯ଓ ୧୮୧୧୦) ଆଦି ଦୂରଗାମୀ ଟ୍ରେନ ଚଳାଚଳ ବନ୍ଦ ରହିବ। ସେହିପରି ୨୧ରୁ ୨୬ ଯାଏ କଣ୍ଟାବାଞ୍ଜି-ଟିଟିଲାଗଡ଼ ହାୱଡା ଏକ୍ସପ୍ରେସ, ଗୋରଖପୁର ସମ୍ବଲପୁର ଏକ୍ସପ୍ରେସ ଅପ୍ ଓ ଡାଉନ୍, ହାୱଡ଼ା ରାଉରକେଲା ହାୱଡ଼ା ବନ୍ଦେ ଭାରତ ଏକ୍ସପ୍ରେସ ଅପ୍ ଓ ଡାଉନ୍‌ର ରୁଟ୍ ପରିବର୍ତ୍ତନ କରାଯାଇଛି।

# ବ୍ୟୟବରାଦ ହେଉଛି, ଆବର୍ଜନାମୁକ୍ତ ହେଉନି

ରାଉରକେଲା,୨୦।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସହରର ଜନସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଆର୍‌ଏମ୍‌ସି ଅଧୀନ ୪୧ଟି ୱାର୍ଡ ଅଞ୍ଚଳର ରାସ୍ତାଘାଟ, ଦୋକାନ ବଜାରର ସ୍ୱଚ୍ଛତା ପାଇଁ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏହାସତ୍ତ୍ୱେ ଆର୍‌ଏମ୍‌ସି ଅଞ୍ଚଳ ଆବର୍ଜନାମୁକ୍ତ ହୋଇପାରୁନାହିଁ। ଏକକ ବ୍ୟବହୃତ ପଲିଥିନ ସହ ଜନସଚେତନତା ଅଭାବ ଏଥିପାଇଁ ଦାୟୀ ବୋଲି ମତପ୍ରକାଶ ପାଇଛି।

ସୂଚନା ଅନୁସାରେ, ରାଉରକେଲା ମହାନଗର ନିଗମ ପକ୍ଷରୁ ବସ୍ତି ଅଞ୍ଚଳର ରାସ୍ତାଘାଟ ସହ ସମସ୍ତ ବ୍ୟବସ୍ଥା ସୁଦୃଢ଼ୀକରଣ ପାଇଁ ୨୦୨୩ ଆର୍ଥିକ ବର୍ଷରେ ୯୨.୧୩୮.୦୦୦ଟଙ୍କା ବ୍ୟୟବରାଦ ହୋଇଥିଲା। ସେହିଭଳି ରାଉରକେଲା ସହରରେ ସ୍ୱଚ୍ଛତା ପାଇଁ ୨୦୨୪ ଆର୍ଥିକ ବର୍ଷରେ ୬.୯୯୧.୮୧୬ ଟଙ୍କା ଏବଂ ଅମୃତ ସହର ଯୋଜନାରେ ୧.୦୨୧.୫୮୬ଟଙ୍କା ବ୍ୟୟବରାଦ ହୋଇଥିଲା। ଏଥିସହିତ ସଫେଇ କାର୍ଯ୍ୟ ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ୩୦.୪୭୫.୦୦୦ ଟଙ୍କା ବ୍ୟୟବରାଦ ହୋଇଥିବା ବେଳେ ସେପ୍ଟିକ ଟ୍ରିଟମେଣ୍ଟ ପ୍ଲାଣ୍ଟ ପାଇଁ ୪.୩୫୩.୯୦୦ ଟଙ୍କା ବ୍ୟବରାଦ ହୋଇଛି। ଏତେ ଅଥରାଶି



ରାଉରକେଲା ଲେବର ଅଫିସ ପଛପଟେ ପଲିଥିନ ଗଦା ହୋଇଛି।

ବ୍ୟୟବରାଦ ସତ୍ତ୍ୱେ ରାଉରକେଲା ସହରକୁ ଆବର୍ଜନା ମୁକ୍ତ କରାଯାଇପାରିନାହିଁ। ପ୍ରକାଶଥାଉକି, ୨୦୨୨ରେ ହୋଇଥିବା ସ୍ୱଚ୍ଛତା ସର୍ବେକ୍ଷଣରେ ରାଉରକେଲା ସହର ୫୪ନମ୍ବର ର୍‍ୟାଙ୍କରେ ଥିଲା। ମାତ୍ର ୨୦୨୩ ସ୍ୱଚ୍ଛତା ସର୍ବେକ୍ଷଣରେ ୧୧୯ ନମ୍ବର ର୍‍ୟାଙ୍କ୍‌କୁ ଖସି ଆସିଲା। ଆରଏମସି ପକ୍ଷରୁ ଆବର୍ଜନାଜନିତ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ଦୈନିକ ୩୩୩ ସିୟୁଏମ୍ ସଲିଡ ୱେଷ୍ଟରୁ ୭୬ ସିୟୁଏମ୍ ସଲିଡ ୱେଷ୍ଟକୁ ପୁନଃଚକ୍ରଣ କରାଯାଇ କମ୍ପୋଷ୍ଟ ଖତ ପ୍ରସ୍ତୁତ ହେଉଛି। ଦୈନିକ ଅଳିଆ ଉଠାଯାନ ମାଧ୍ୟମରେ ସହରବ୍ୟାପୀ ଅଳିଆ ଉଠା ଯାଉଛି। ଏତେସବୁ କାର୍ଯ୍ୟକ୍ରମ ପରେ ବି ସହର ସ୍ୱଚ୍ଛତା ର୍‍ୟାଙ୍କ୍‌ରେ ତଳକୁ ଖସିବା ଆର୍‌ଏମ୍‌ସି ପାଇଁ ଚିନ୍ତାର ବିଷୟ ପାଲଟିଛି।

ଅନ୍ୟପକ୍ଷେ ରାଉରକେଲା ସହରରେ ଚା' ଦୋକାନରୁ ଆରମ୍ଭ କରି ପ୍ରାୟ ସମସ୍ତ ବ୍ୟବସାୟିକ କେନ୍ଦ୍ରରେ ବହୁଳ ମାତ୍ରାରେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ବୃଦ୍ଧି ପାଇ ଚାଲିଛି। ଛତିଶଗଡ ଓ ରାୟପୁର ଆଦି ଅଞ୍ଚଳରୁ ଟନ୍ ଟନ୍ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ଏବଂ ପଲିଥିନ ରାଉରକେଲା ସହରକୁ ଆସୁଛି। ସହର ପରିବେଶ ପାଇଁ ଘାତକ ସାଜୁଥିବା ଏହି ସିଙ୍ଗଲ ୟୁଜ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ବନ୍ଦ ପାଇଁ ଗତ ଦେଢବର୍ଷ ମଧ୍ୟରେ ରାଉରକେଲା ପ୍ରଦୂଷଣ ବିଭାଗ

### ରାଉରକେଲା ମହାନଗର ନିଗମ

ପକ୍ଷରୁ ମାତ୍ର ୫ଥର ଚଢାଉ ହୋଇଛି। ଫଳରେ ସହରବ୍ୟାପୀ ପ୍ଲାଷ୍ଟିକ ଓ ପଲିଥିନ ଆବର୍ଜନା କୁଢ କୁଢ ହୋଇ ସବୁଆଡେ ଗଦା ହେଉଛି। ଏ ଦିଗରେ ଆର୍‌ଏମ୍‌ସି ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି। ଏ ନେଇ ଆର୍‌ଏମ୍‌ସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ଆର୍‌ଏମ୍‌ସି ପକ୍ଷରୁ ସହରରେ ସ୍ୱଚ୍ଛତା ପାଇଁ ବ୍ୟାପକ ବ୍ୟୟବରାଦ ଓ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିସହ ରାଉକେଲା ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪ ପରିପ୍ରେକ୍ଷୀରେ ୫ଟି ଆକାଂକ୍ଷୀ ଶୌଚାଳୟ ମଧ୍ୟ ସ୍ଥାପନ କରାଯାଇଛି। କିଭଳି ସହରର ପ୍ରତ୍ୟେକ ସ୍ଥାନ ଗଳିକନ୍ଦି ସ୍ୱଚ୍ଛ ରହିବ ସେ କ୍ଷେତ୍ରରେ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି। ଆଗକୁ ସହର କିଭଳି ସିଙ୍ଗଲ ୟୁଜ ପ୍ଲାଷ୍ଟିକ ଓ ପଲିଥିନମୁକ୍ତ ହେବ ସେ ଦିଗରେ ଦୃଢ ପଦକ୍ଷେପ ନିଆଯିବ ବୋଲି କୁଲକର୍ଣ୍ଣୀ କହିଥିଲେ।

# ଅତ୍ୟାଧୁନିକ ଥେରାପି ମେଶିନ ଉଦ୍‌ଘାଟିତ



ଆଇଜିଏଚ୍‌ରେ ଇସିଟି ମେଶିନକୁ ଉଦ୍‌ଘାଟନ କରାଯାଉଛି।

ରାଉରକେଲା,୨୦।୪ (ବିପ୍ଳବ ରଞ୍ଜନ ଦାଶ)

ଆରଏସ୍‌ପି ଜେନେରାଲ ହସ୍ପିଟାଲରେ ଏକ ଅତ୍ୟାଧୁନିକ ଇଲେକ୍ଟ୍ରୋକନଭଲସିଭ୍ ଥେରାପି (ଇସିଟି) ମେଶିନକୁ ସିଏମ୍‌ଓ ଜୟନ୍ତ ଆଚାର୍ଯ୍ୟ ଗତ ୧୭ ତାରିଖରେ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ଉତ୍ସବରେ ଆଇଜିଏଚ୍‌ର ବରିଷ୍ଠ ମାନସିକ ରୋଗ ବିଶେଷଜ୍ଞ ଡ. ଦେବାଶିଷ ମହନ୍ତ, ଡ. ସଞ୍ଜୟ ଆଚାର୍ଯ୍ୟ କ୍ଲିନିକାଲ ମନସ୍ତତ୍ତ୍ୱବିତ୍ ସୁଶ୍ରୀ ସନ୍ଧ୍ୟାରାଣୀ ଦାଶଙ୍କ ସମେତ ବହୁ ଡାକ୍ତର ଏବଂ ପାରାମେଡିକାଲ ଷ୍ଟାଫ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ, ଆଇଜିଏଚ୍‌ର ମାନସିକ ରୋଗ ବିଭାଗ ଏହି ନୂତନ ଅତ୍ୟାଧୁନିକ ଇସିଟି ମେଶିନ ସ୍ଥାପନ ସହ ମାନସିକ ସ୍ୱାସ୍ଥ୍ୟ ସେବାକୁ ବୃଦ୍ଧି କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ନୂତନ ଉନ୍ନତ କମ୍ପ୍ୟୁଟର ସଫ୍ଟୱେର-ସହାୟତାପ୍ରାପ୍ତ ଇସିଟି ଡିଭାଇସ ଗୁରୁତର ମାନସିକ ବିକାର ଚିକିତ୍ସାରେ ଏକ ମୁଖ୍ୟ ଉନ୍ନତ ପ୍ରଯୁକ୍ତିବିଦ୍ୟା ସମର୍ଥିତ ପ୍ରୟୋଗ ଅଟେ। ପରିବର୍ତ୍ତିତ ଇସିଟି ମେଶିନ ସ୍କିଜୋଫ୍ରେନିଆ, ବାଇପୋଲାର ଡିସଅର୍ଡର, ଗମ୍ଭୀର ଅବସାଦ ଏବଂ କାଟାଟୋନିଆ ଭଳି ଅବସ୍ଥା ପାଇଁ ସୁରକ୍ଷିତ, ଯନ୍ତ୍ରଣାହୀନ ଏବଂ ଅତ୍ୟନ୍ତ ପ୍ରଭାବଶାଳୀ ଚିକିତ୍ସା ପ୍ରଦାନ ପାଇଁ ସଜ୍ଜିତ। ବିଶ୍ୱସ୍ତରରେ ଗମ୍ଭୀର ମାନସିକ ରୋଗ ପାଇଁ ଏକ ସୁବର୍ଣ୍ଣ ମାନକ ଭାବେ ସ୍ୱୀକୃତିପ୍ରାପ୍ତ, ଇସିଟି ମାନସିକ ସ୍ୱାସ୍ଥ୍ୟ ଚିକିତ୍ସାରେ ଏକ ଅତ୍ୟାବଶ୍ୟକ ଉପକରଣ ହୋଇ ରହିଛି।

# ଏନ୍‌ଆଇଟିରେ ଅନୁଷ୍ଠାନ ବକ୍ତୃତାମାଳା



ପ୍ରାଣକୃଷ୍ଣ ପରିଜା ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ରାଉରକେଲା,୨୦।୪(ସଙ୍ଗୀତା ଜେନା)

ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର କେମିକାଲ ଇଞ୍ଜିନିୟରିଂ ବିଭାଗ ନେତୃତ୍ୱରେ ଶନିବାର ପୂର୍ବାହ୍ନ ୧୧ଟାରେ ଡ. ଏସ୍. ସି. ନାୟକ ଅନୁଷ୍ଠାନ ବକ୍ତୃତାମାଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଡ. ପ୍ରାଣକୃଷ୍ଣ ପରିଜା ଅଡିଟୋରିୟମ୍‌ରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସାମ୍ପ୍ରତିକ ପରିବେଶର ଯତ୍ନବିଶେଷ କରି ବିଶୁଦ୍ଧ ପାନୀୟ ଜଳ ହ୍ରାସ ପାଇବା, ପ୍ରଦୂଷିତ ଜଳ ବିଶୋଧନ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଚଳିତ ବର୍ଷର ବକ୍ତା ଥିଲେ ଅନେକ ଗବେଷଣାପତ୍ର, ପେଟେଣ୍ଟ ଓ ଗବେଷଣା ପତ୍ରର ସଫଳ ରୂପାୟନ କରିଥିବା ତଥା ଦେଶର ସର୍ବୋଚ୍ଚ ଶାନ୍ତିସ୍ୱରୂପ ଭଟ୍ଟ ନଗର ପୁରସ୍କାର ସମ୍ମାନିତ ପ୍ରଫେସର ଶୀର୍ଷେନ୍ଦୁ ଦେ। ପ୍ରଫେସର ଦେ ତାଙ୍କ ଦୀର୍ଘବର୍ଷ ଗବେଷଣାର ଗଭୀର ଅନୁଭବରୁ ଆର୍ସେନିକ ଫ୍ଲୋରାଇଡ୍ ପରି କ୍ଷତିକାର ଉପାଦାନ ଦ୍ୱାରା ପ୍ରଦୂଷିତ ଜଳ ବିଶୋଧନ ଲାଗି ତାଙ୍କର ମୌଳିକ ଓ ସମାଜ ଉପଯୋଗୀ ଗବେଷଣାର କୌଶଳ ଓ ଉପଲବ୍ଧି ଉପସ୍ଥାପନ କରିଥିଲେ। ଏହି ଅବସରରେ କେମିକାଲ ବିଭାଗର ମୁଖ୍ୟ ଡ. ସୁସ୍ମିତା ମିଶ୍ର ଏବଂ ଅନ୍ୟ ଅଧ୍ୟାପିକା ଅଧ୍ୟାପକଙ୍କ ସମେତ ୧୫୦ ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ବକ୍ତୃତାମାଳାରେ ପ୍ରତିବର୍ଷ ଦେଶ ବିଦେଶରୁ କେମିକାଲ ଇଞ୍ଜିନିୟରିଂ ସହ ଜଡ଼ିତ ପ୍ରତିଷ୍ଠିତ ଗବେଷକ ମାନଙ୍କୁ ନିମନ୍ତ୍ରିତ କରାଯାଇଥାଏ।

# ଜାତୀୟତା ଭାବ ସୃଷ୍ଟି କରୁଥିଲା ବାଞ୍ଛାନିଧିଙ୍କ କବିତା

ରାଉରକେଲା,୨୦।୪(ଦିନେଶ ମିଶ୍ର)

ଭାରତୀୟ ଜାତୀୟ ଆନ୍ଦୋଳନ ଓ ମୁକ୍ତି ସଂଗ୍ରାମ ପାଇଁ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଅବଦାନ ଅତୁଳନୀୟ। ତାଙ୍କର ଭାବୋଦ୍ଦୀପକ କବିତାବଳୀ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ଜାତୀୟତାର ଝଙ୍କାର ସୃଷ୍ଟି କରୁଥିଲା। ବାସ୍ତବରେ ଜାତି ଓ ଦେଶ ପାଇଁ ସେ ଯେଉଁଭଳି ନିର୍ଭୀକ ଭାବେ ଆବେଗମୟ ବାର୍ତ୍ତା ଲୋକମାନଙ୍କ ପାଖରେ ପହଞ୍ଚାଇ ପାରିଥିଲେ ତାହା ଅସାଧାରଣ। ଭଦ୍ରକ ଜିଲା ବାସୁଦେବପୁର ଥାନା ଇରମ ଗାଁରେ ଜନ୍ମଗ୍ରହଣ କରି ସେ ମାଟିକୁ ଧନ୍ୟ କରିଛନ୍ତି। ଭଦ୍ରକ ଜିଲା ବାସୁଦେବପୁର ଜନ କଲ୍ୟାଣ ପରିଷଦ ରାଉରକେଲା ଆନୁକୂଲ୍ୟରେ ସେକ୍ଟର-୨୦ରେ ରବିବାର କବି ବାଞ୍ଛାନିଧି ମହାନ୍ତିଙ୍କ ୧୨୯ତମ ଜୟନ୍ତୀ ସଭାରେ ଏଭଳି ମତପ୍ରକାଶ ପାଇଛି। ପରିଷଦର ଉପସଭାପତି ଡା. ରବିନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ଲକ୍ଷ୍ମଣନାଥ ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ସୂଚନା ଦେଇଥିଲେ। ମୁଖ୍ୟ



ଜୟନ୍ତୀ ସଭାରେ ଉପସ୍ଥିତ ଅତିଥି ଏବଂ ପରିଷଦ କର୍ମକର୍ତ୍ତା।

### ଜୟନ୍ତୀ ସଭାରେ ମତପ୍ରକାଶ

ବକ୍ତା ଭାବେ ଅଧ୍ୟାପକ କମଳାକାନ୍ତ ଦାଶ କବିଙ୍କ ତ୍ୟାଗପୂତ ଜୀବନ, ବ୍ୟକ୍ତିତ୍ୱ ଓ କାଳଜୟୀ କବିତା ଦ୍ୱାରା ଲୋକମାନେ କିପରି ଉଦ୍‌ବୁଦ୍ଧ ହେଉଥିଲେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ କବି ବଳରାମ ରାଉଳ ଯୋଗଦେଇ ବାଞ୍ଛାନିଧି ମହାନ୍ତିଙ୍କ ଭାରତୀୟ ସ୍ୱାଧୀନତା ଆନ୍ଦୋଳନକୁ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଯୁଗ୍ମ ସମ୍ପାଦକ ଶରତ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟତମ ଉପସଭାପତି ସୁବାସ ଚନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ ବିଶ୍ୱନାଥ ସାହୁ, ସହ ସମ୍ପାଦକ ସନାତନ ପତି, ଅଚ୍ୟୁତାନନ୍ଦ ଦାସ, ଉପେନ୍ଦ୍ର ପ୍ରସାଦ ଦାଶ, ପ୍ରବୀର ପାଢ଼ୀ, ଜ୍ୟୋତିର୍ମୟୀ ପତି, ଶାନ୍ତିଲତା ପାଢ଼ୀ, ଆଦିକନ୍ଦ ନାୟକ, ଲକ୍ଷ୍ମୀକାନ୍ତ ଦାସ, ସ୍ମରଣିକା ଦାସ, ବିବେକାନନ୍ଦ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ସହ କୋଷାଧ୍ୟକ୍ଷ ଉଦୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଉରକେଲା ସାହିତ୍ୟ ସଂସଦର ବାର୍ଷିକୋତ୍ସବ

ରାଉରକେଲା,୨୦।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସାହିତ୍ୟ ସଂସଦର ବାର୍ଷିକୋତ୍ସବ ଛେଣ୍ଡସ୍ଥିତ ଧାମରା ସଂଘ ପରିସରରେ ରବିବାର ପାଳିତ ହୋଇଯାଇଛି। କବି ସୁଶାନ୍ତ କୁମାର ନାୟକଙ୍କ ଆବାହକତ୍ୱ ଓ ଅନିଲ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ଡ. କପିଳେଶ୍ୱର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାଥମିକ ସ୍ତରରୁ ପିଲାମାନଙ୍କୁ ଆମ ଭାଷା ସାହିତ୍ୟ ସଂସ୍କୃତିକୁ ଶୁଦ୍ଧ ଓ ସରଳ ଭାଷାରେ କିମ୍ବା ପଞ୍ଚତନ୍ତ୍ରର ଗପ ଭଳି ବୁଝାଇ ଦିଆଗଲେ ସେମାନେ ଆମ ଭାଷା, ସଂସ୍କୃତିକୁ ନିଶ୍ଚିତ ଭଲପାଇବେ ବୋଲି କହିଥିଲେ। ଡ.ଅଶ୍ୱିନୀ କୁମାର ରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, କବି, ଲେଖକ ମାନଙ୍କ ପ୍ରାଚୀନ ଗ୍ରନ୍ଥାବଳୀ ଥିଲା ଏ ଜାତିକୁ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାର ଆମୋଘ ଅସ୍ତ୍ର। ଆଜିର ପିଲାମାନେ ସେହି ମନ୍ତ୍ରରେ ମନ୍ତ୍ରିତ ହୋଇପାରିଲେ ଆମ ସାହିତ୍ୟ, ସଂସ୍କୃତିର ସୁଦୂରପ୍ରସାର ହୋଇପାରିବ ବୋଲି ରାୟ କହିଥିଲେ। ସଂସଦର ସମ୍ପାଦକ ବିଜୟ କୁମାର ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ବିଭିନ୍ନ ସ୍କୁଲର ୨୧ ଜଣ ପିଲାଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ରମେଶ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ କବିତା ଆସର ଆୟୋଜନ କରାଯାଇଥିଲା।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ମମତା ବାନାର୍ଜୀଙ୍କ କୁଶପୁତ୍ତଳିକା ଦାହ

ରାଉରକେଲା,୨୦।୪(ସଙ୍ଗୀତା ଜେନା)

ପଶ୍ଚିମବଙ୍ଗରେ ହିନ୍ଦୁମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଦାବି କରି ଅନ୍ତର୍ଜାତୀୟ ହିନ୍ଦୁ ପରିଷଦ ଯୁବ ଶାଖା ଏବଂ ବଜରଙ୍ଗ ଦଳ ପକ୍ଷରୁ ରାଉରକେଲା ବିଶ୍ରା ଛକରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କୁଶ ପୁତ୍ତଳିକା ଦହନ କରାଯାଇଛି। ପଶ୍ଚିମବଙ୍ଗରେ ନରସଂହାର କରାଯାଉଥିବା ପ୍ରତିବାଦରେ ଏହା ପ୍ରଦର୍ଶନ କରାଯାଇଥିଲା। ଅନ୍ତର୍ଜାତୀୟ ହିନ୍ଦୁ ପରିଷଦର ଜିଲା ସଭାପତି ରାଜୁ ସିଂହ, ବଜରଙ୍ଗ ଦଳ ଉପସଭାପତି ମୋନୁ ସିଂହ, ପ୍ରେମ ସାହୁ, ପବିତ୍ର ମହାନ୍ତି, ସୁରଜ ମହତୋ, ଅଭିଷେକ ଧଳ, ବାସନ୍ତୀ ସେଠୀ, ଆଞ୍ଚଳ ପାଶୱାନଙ୍କ ସମେତ ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ।



ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ସାଇନିଂ ରକର୍ସ ଏକାଡେମୀର ପୁରସ୍କାର ବିତରଣ ଉତ୍ସବ

ରାଉରକେଲା,୨୦।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସାଇନିଂ ରକର୍ସ ଏକାଡେମୀର ପୁରସ୍କାର ବିତରଣ ଉତ୍ସବ ଶନିବାର ସେକ୍ଟର-୫ସ୍ଥିତ ଆଦର୍ଶ ସାହିତ୍ୟ ଘରଠାରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ମୁଖ୍ୟ ଲୀନା ବିଶ୍ୱାଳଙ୍କ ଆବାହକତ୍ୱ ଓ ବର୍ଣ୍ଣାଳୀ ରାଉତଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ସୁବ୍ରତ ତରାଇ ମୁଖ୍ୟଅତିଥି, ସମାଜସେବୀ ପ୍ରଫୁଲ୍ଲ ସୁନ୍ୟାନୀ, ସୁଷମା ପ୍ରସାଦ, ଜିତେନ୍ଦ୍ର ପ୍ରସାଦ, ସୁନିଲ କାୟଲ, ସଂଗ୍ରାମ ପତି, ଟୁକୁ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏକାଡେମୀର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ରାଉରକେଲାର ସମାଜସେବୀ ବନ୍ଦିତା ମହନ୍ତ, ଆଇନଜୀବୀ ରେଖା ଗୁପ୍ତା, ରାଜଲକ୍ଷ୍ମୀ ପାତ୍ର, ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କଲ୍ୟାଣୀ ଦାସ, ମୋହନ ପଟ୍ଟନାୟକ, ନିତାଞ୍ଜଳୀ ପରିଡ଼ା, ବିଜୁ ଦାସ, ସୌମ୍ୟରଞ୍ଜନ ମହାରଣା, ରୋହିତ କୁମାର, ଚିନୁ ରାଉତ, ବବିତା ମହାରଣା ପ୍ରମୁଖ ସହଯୋଗ କରିଥିଲେ।

# ସଫେଇ ହେଉନି ଆବର୍ଜନା, ମିଳୁନି ଶୀତଳ ଜଳ

### ଟ୍ରାଫିକ୍ ଗେଟ୍ ଦୈନିକ ବଜାରରେ ସମସ୍ୟା

ରାଉରକେଲା,୨୦।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଟ୍ରାଫିକ୍ ଗେଟ୍ ସହରର ଦୈନିକ ବଜାର ଭାବେ ପରିଚିତ। ଏହି ବଜାରରେ ପନିପରିବାଠାରୁ ଆରମ୍ଭ କରି ତେଜରାତି ସାମଗ୍ରୀ ଉପଲବ୍ଧ ହେଉଛି। ଏଠାରେ ପ୍ରାୟ ୮ଶହରୁ ଊର୍ଦ୍ଧ୍ୱ ଲୋକ ବ୍ୟବସାୟ କରୁଥିବା ବେଳେ ଦୈନିକ ୨୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ହୋଇଥାଏ। ବ୍ୟବସାୟୀମାନଙ୍କ ପାଇଁ ପିଣ୍ଡି ବ୍ୟବସ୍ଥା ଥିବାବେଳେ କିଛି ବ୍ୟବସାୟୀ ତଳେ ବସି ନିଜ ପରିବା ବିକ୍ରି କରନ୍ତି। ତେବେ ଏହି ବଜାରରୁ ଆରଏମ୍‌ସି ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ କରୁଥିବାବେଳେ ବଜାରରେ ଅଳିଆ ଆବର୍ଜନା ସଫେଇ କ୍ଷେତ୍ରରେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଫଳରେ ଜିନିଷପତ୍ର କିଣିବାକୁ ଆସୁଥିବା ଖାଉଟି ଓ ବ୍ୟବସାୟୀମାନେ ଆବର୍ଜନା ଜନିତ ଦୁର୍ଗନ୍ଧରେ ଅସୁବିଧା ଭୋଗୁଛନ୍ତି। ଏଥିସହ ବ୍ୟବସାୟୀ ଓ ଖାଉଟିମାନଙ୍କ ପାନୀୟ ସମସ୍ୟା ଦୂରୀକରଣ ପାଇଁ ଶୀତଳ ଜଳ ପ୍ରକଳ୍ପ ମଧ୍ୟ ସ୍ଥାପନ କରାଯାଉନାହିଁ। ସେହିପରି ବଜାର ପାଚେରି ମଧ୍ୟରେ ଥିବା ବାଇକ୍ ଷ୍ଟାଣ୍ଡରେ ଅବୈଧ ବ୍ୟବସାୟ ପସରା ଖୋଲାଯାଉଛି। ଫଳରେ ବାଧହୋଇ ଖାଉଟିମାନେ ଜାଗା ଅଭାବରୁ ମୁଖ୍ୟମାର୍ଗରେ ବାଇକ୍ ରଖୁଥିବାରୁ ଟ୍ରାଫିକ୍ ଜାମ୍ ସମସ୍ୟା ସୃଷ୍ଟି ହେଉଛି। ଏଣୁ ଏସବୁ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ସ୍ଥାନୀୟ ବଜାରର ଶଙ୍କର ସାହୁ, ସୁରେନ୍ଦ୍ର ସାହୁ, କାଲୁ ପ୍ରଧାନ, ଶମ୍ଭୁ ପ୍ରସାଦ ସାହୁ ଏବଂ ଅଜୁ ସାହୁ ପ୍ରମୁଖ ବ୍ୟବସାୟୀ ଦାବି କରିଛନ୍ତି। ଏ ନେଇ ଆର୍‌ଏମ୍‌ସି ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକଙ୍କୁ ପଚାରିବାରୁ ଏହି ସମସ୍ୟା ବାବଦରେ ଆର୍‌ଏମ୍‌ସିର ସମ୍ପୃକ୍ତ ବିଭାଗକୁ ଅବଗତ କରି ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।



ବଜାର ପାଚେରି କଡ଼ରେ ପଡିଥିବା ଅଳିଆ ଆବର୍ଜନା।

# ସନ୍ତାନର କର୍ତ୍ତବ୍ୟବୋଧକୁ ଜୀବନ୍ତ କଲା 'ତ୍ରିଶଙ୍କୁ'

### ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଆରମ୍ଭ

ରାଉରକେଲା,୨୦।୪(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୫ ସ୍ଥିତ ସିଭିକ୍ ସେଣ୍ଟରରେ ରବିବାର ରାଉରକେଲାର ସାଂସ୍କୃତିକ ଅନୁଷ୍ଠାନ ସ୍ୱସ୍ତି ଝଙ୍କାର ଆନୁକୂଲ୍ୟରେ ୨୬ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ-୨୦୨୫ ଆରମ୍ଭ ହୋଇଛି। ଅନୁଷ୍ଠାନର ସଭାପତି ମହେନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଉଦ୍ୟୋଗୀ ସୁନୀଲ କୟାଲ, ଯୁବ ନାଟ୍ୟ ପ୍ରତିଭା ସୁଦେଶ ନାୟକ, ଛଗେନଲାଲ ଜୈନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ନାଟକରେ ଅନୁଗୁଳର ନାଟ୍ୟମ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ନାଟକ ତ୍ରିଶଙ୍କୁ ମଞ୍ଚସ୍ଥ ହୋଇଥିଲା। ସୁଧାଂଶୁ ମୋହନ ଦ୍ୱିବେଦୀଙ୍କ ନିର୍ଦ୍ଦେଶିତ ଏହି ନାଟକଟି ମଧ୍ୟବିତ୍ତ ପରିବାରର କାହାଣୀକୁ ନେଇ ଗତିଶୀଳ ହୋଇଛି। ପତ୍ନୀ ଧରା, ବଡ ପୁଅ ଅଭୟ, ସାନପୁଅ ବିନୟ, ଝିଅ ମିନି ଓ ନାତୁଣୀ ପିଙ୍କୁକୁ ନେଇ ଗୋବର୍ଦ୍ଧନଙ୍କ ତେଲ ଲୁଣର ସଂସାର ଚାଲିଥାଏ। ମାତ୍ର ସମୟ କ୍ରମେ ପରିବାରର ଆର୍ଥିକ ଅନଟନ ଗୋବର୍ଦ୍ଧନଙ୍କୁ ମାନସିକ ସ୍ତରରେ ବିଷାଦ ଭରିଦିଏ। ଏଭଳି ଅବେଳରେ ଗୋବର୍ଦ୍ଧନ ବଡପୁଅ ଅଭୟଙ୍କୁ ପରିବାରର ସମସ୍ତ ବୋଝ ଲଦି ଦିଅନ୍ତି। ଅଭୟ ପରିବାର ପ୍ରତିପୋଷଣ ପାଇଁ ଦିନରାତି ଏକ କରି ରୋଜଗାର କରିବା ଆରମ୍ଭ କରିଦିଏ। ଅଭୟ ନିଜର ସାମର୍ଥ୍ୟ ଅନୁସାରେ ପରିବାରର ସମସ୍ତ ସଦସ୍ୟଙ୍କର ଆବଶ୍ୟକତା ପୂରଣ କରେ। ମାତ୍ର ଏତେସତ୍ତ୍ୱେ ଗୋବର୍ଦ୍ଧନ ଅଭୟଙ୍କ ପ୍ରତି ବିରକ୍ତି ପ୍ରକାଶ କରିବା ସହ ତାଙ୍କର ସମସ୍ତ ପ୍ରୟାସକୁ ଭିତ୍ତିହୀନ ଦର୍ଶାନ୍ତି। ଶେଷରେ ଅଭୟ ଏକ ବଡ ସାଂଘାତିକ ପରିସ୍ଥିତିରେ ପଡିଯାଏ। ସେ ସମୟରେ ଗୋବର୍ଦ୍ଧନ ହୃଦୟବ୍ୟଥାକୁ ବୁଝନ୍ତି ନାହିଁ ଓଲଟା ପରିବାରର ଅନ୍ୟ ସଦସ୍ୟଙ୍କ ବଡିମା ବଢାଇ ଅଭୟଙ୍କୁ ନିଜ ପରିବାର ବର୍ଗ ସମ୍ମୁଖରେ ଛୋଟ କରିଦିଅନ୍ତି। ମାତ୍ର ସମୟର ଚକାଭଉଁରିରେ ଶେଷରେ ଗୋବର୍ଦ୍ଧନ ପରିବାରର ଅନ୍ୟ ସଦସ୍ୟମାନଙ୍କଠାରୁ ଦୂରେଇ ଯାଆନ୍ତି। ଗୋବର୍ଦ୍ଧନଙ୍କ ହାକିମପଣ ଆଉ ପରିବାରରେ ଚଳେ ନାହିଁ। ଏମିତିରେ ଗୋବର୍ଦ୍ଧନ ଅଭୟଙ୍କୁ ମନେ ପକାନ୍ତି ଏବଂ ଅଭୟ ନିଜ ବୃଦ୍ଧ ପିତାର ଦୁଃଖ ବୁଝି ତାଙ୍କୁ ଆପଣାଇ ନେଇ ପୂର୍ବଭଳି ସେବାଯତ୍ନ କରିବା ସହିତ ଭାଙ୍ଗିଥିବା ପରିବାରକୁ ପୁଣି ଯୋଡି ଦିଅନ୍ତି। ନାଟକଟି ଏକ ସୁଯୋଗ୍ୟ ସନ୍ତାନ ଏବଂ ନିଜ ମାତାପିତାଙ୍କ ପ୍ରତି ଥିବା ସନ୍ତାନର ବାସ୍ତବିକ କର୍ତ୍ତବ୍ୟବୋଧକୁ ଜୀବନ୍ତ କରିଛି। ବିଭିନ୍ନ ଭୂମିକାରେ ଅନୁଗୁଳ ନାଟ୍ୟମ ଅନୁଷ୍ଠାନର ସୁଧାଂଶୁ ମୋହନ ଦ୍ୱିବେଦୀ, ରବିନ୍ଦ୍ର ନାଥ ସାହୁ, ପ୍ରଶାନ୍ତ ଆଚାର୍ଯ୍ୟ, ନିରୋଦ କୁମାର, ବଟକୃଷ୍ଣ ତ୍ରିପାଠୀ, ଅମରେଶ ନାଥ, ପିନାକୀ ଦାସ, ଶୁଭଶ୍ରୀ ପାଣ୍ଡେ ଓ ଦୟା ସିଂ ଅଭିନୟ କରିଥିଲେ। ନାଟକର ଗୀତ ଓ ସଙ୍ଗୀତ ପ୍ରତାପ ରାଉତଙ୍କ ଦ୍ୱାରା ସଂଯୋଜିତ ହୋଇଥିବା ବେଳେ ନାଟ୍ୟ ମଞ୍ଚ ପରିଚାଳନା କରିଥିଲେ ରବିନ୍ଦ୍ର ନାଥ ସାହୁ ଏବଂ ପ୍ରଳୟ ଶତପଥୀ। ବଟକୃଷ୍ଣ ତ୍ରିପାଠୀ ସହ ନିର୍ଦ୍ଦେଶନା ଦେଇଥିଲେ।



ତ୍ରିଶଙ୍କୁ ନାଟକର ଏକ ଦୃଶ୍ୟ।

## ଟ୍ରକ୍ ଅପହରଣ, ଡ୍ରାଇଭର ହତ୍ୟା ଘଟଣାର ପର୍ଦ୍ଦାଫାଶ

# ଲୁହାପଥର, ଟ୍ରକ୍ ପାଇଁ ହତ୍ୟା

ସମ୍ବଲପୁର,୨୦।୪(ପ୍ରମୋଦ ବହିଦାର)



ଟ୍ରକ୍ ଚାଳକ ହତ୍ୟା ମାମଲାରେ ଗିରଫ ୩ ଅଭିଯୁକ୍ତ।




ଜବତ ଲୁହା ପଥର ବୋଝେଇ ଟ୍ରକ।

■ ୩ ଗିରଫ, ଲୁହାପଥର ବୋଝେଇ ଟ୍ରକ୍ ଜବତ
■ ଲଦୋପାଲିରୁ ନରକଙ୍କାଳ ଉଦ୍ଧାର ପରେ ଘଟଣା ସାମ୍ନାକୁ ଆସିଲା
■ ରିମାଣ୍ଡରେ ଅଭିଯୁକ୍ତମାନଙ୍କୁ ଅଣାଯିବ:ଏସ୍‌ପି

ଲୁହାପଥର ବୋଝେଇ ଟ୍ରକ୍ ଅପହରଣ ଓ ଡ୍ରାଇଭର ଜହିନ୍ଦର ଯାଦବ(୩୧) ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ସମ୍ବଲପୁର ପୋଲିସ। ଏହି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସମ୍ବଲପୁର ବରେଇପାଲି ଥାନା ଗୋପଲପାଲି ଛକରେ ରହୁଥିବା ଗଣେଶ ଜୟସ୍ୱାଲ(୪୮), ବିହାର ମୋତିହାରି ଜିଲା ସଂଗ୍ରାମପୁର ଥାନା ମଧୁପୁରର ମୂଳ ବାସିନ୍ଦା ତଥା ବରେଇପାଲି ଥାନା ଆରଏମସି ନିକଟ ମହାପାତ୍ର କଲୋନୀର ମୁନା ଆଲ୍ଲମ(୨୬) ଓ ଜମନକିରା ଥାନା ଚିନିମହୁଲ ଗ୍ରାମର ସଂଗ୍ରାମ ନାଏକ(୪୩)। ସେମାନଙ୍କ ନିକଟରୁ ଅପହୃତ ଟ୍ରକ୍(ସିଜି-୧୫-ଇଏ-୩୪୦୩)ସହ ଏକ କାର(ଓଡି-୧୫-ଏଏ-୭୧୦୮), ବାଇକ୍(ଓଡି-୧୭-ଆର-୮୮୪୫) ଓ ୫ଟି ମୋବାଇଲ ଫୋନ ଜବତ ହୋଇଛି। ରବିବାର ଅପରାହ୍ନରେ ସମ୍ବଲପୁର ଏସ୍‌ପି ମୁକେଶ କୁମାର ଭାମୁ ତାଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ନେଇ ସବିଶେଷ ସୂଚନା ଦେଇଛନ୍ତି।

ଏସ୍‌ପି ଭାମୁଙ୍କ ସୂଚନା ଅନୁସାରେ, ଗତ ମାର୍ଚ୍ଚ ୬ ତାରିଖ ବିଳମ୍ବିତ ରାତିରେ ଲୁହାପଥର ବୋଝେଇ ଟ୍ରକ(ସିଜି-୧୫-ଇଏ-୩୪୦୩)କୁ ନେଇ ବିହାର ଜାମଇ ଜିଲା କ୍ଷୀରଭୋଜନା ଥାନା ଲକ୍ଷ୍ମୀପୁର ଗାଁର ଡ୍ରାଇଭର ଜହିନ୍ଦର ଯାଦବ ରାୟପୁରରୁ ପଶ୍ଚିମବଙ୍ଗ ଅଭିମୁଖେ ବାହାରି ଟ୍ରକ୍ ସହ ନିଖୋଜ ହୋଇଯାଇଥିଲେ। ଏନେଇ ରାୟପୁର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ରାୟପୁର ପୋଲିସ ଏ ନେଇ ସମ୍ବଲପୁର ପୋଲିସକୁ ସୂଚିତ କରିଥିଲା। ଟ୍ରକ୍‌ରେ ଲାଗିଥିବା ଜିପିଏସ୍‌କୁ ଟ୍ରାକିଂ କରି ଏହା ଜମନକିରା ଥାନା ଲଦୋପଡ଼ା ନିକଟସ୍ଥ ଜଙ୍ଗଲରେ ଥିବା ଜଣାପଡ଼ିଥିଲା। ଅପରପକ୍ଷରେ ଗତ ଏପ୍ରିଲ ୧୦ତାରିଖରେ ଲଦୋପଡ଼ାର ସଂଗ୍ରାମ ନାଏକଙ୍କ ଇଟା ଭାଟି ନିକଟରେ ମାଟିତଳେ ବାହାରକୁ ଦିଶୁଥିବା ନରକଙ୍କାଳକୁ ଦେଖି ସ୍ଥାନୀୟ ଜଣେ ବ୍ୟକ୍ତି ପୋଲିସକୁ ଖବର ଦେଇଥିଲେ। ଜମନକିରା ପୋଲିସ ନରକଙ୍କାଳ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଥିଲା। ତେବେ ନିଖୋଜ ଖବର ସହିତ ଜିପିଏସ୍ ଟ୍ରାକିଂ ଜରିଆରେ ଟ୍ରକ୍‌ର ଅବସ୍ଥିତି ଆଧାରରେ ପୋଲିସ ଇଟାଭାଟି ମାଲିକ ସଂଗ୍ରାମ ଓ ପରେ ଅନ୍ୟ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିଥିଲା। ପୋଲିସ ବିହାର ମହାରାଜଗଞ୍ଜ ଜିଲାରୁ ଗଣେଶ ଜୟସ୍ୱାଲଙ୍କୁ, ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ାରୁ ମୁନା ଆଲ୍ଲମଙ୍କୁ ଓ ଜମନକିରାରୁ ସଂଗ୍ରାମ ନାଏକଙ୍କୁ ଗିରଫ କରିଥିଲା। ମାତ୍ର ଏହି ଘଟଣାରେ ସମ୍ପୃକ୍ତ ଅନ୍ୟଜଣେ ଅଭିଯୁକ୍ତ ଅଭିଷେକ ଚୌଧୁରୀ ଫେରାର ଅଛନ୍ତି। ଏସ୍‌ପି ଭାମୁ କହିଛନ୍ତି, ଗିରଫ ପରେ ଅଭିଯୁକ୍ତମାନଙ୍କୁ ପଚରାଉଚରା ପରେ ଲୁହାପଥର ଓ ଟ୍ରକ୍‌କୁ ବିକ୍ରି କରିବା ପାଇଁ ସେମାନେ ଜହିନ୍ଦରଙ୍କୁ ହତ୍ୟା କରିଥିଲେ ବୋଲି ସ୍ୱୀକାର କରିଛନ୍ତି। ସେମାନଙ୍କ କହିବା ଅନୁସାରେ, ଟ୍ରକ୍ ଚାଳକ ଜହିନ୍ଦରଙ୍କ ସହିତ ମୁନାଙ୍କର ପୂର୍ବରୁ ପରିଚୟ ଥିଲା। ରାୟପୁରରୁ ବାହାରିଲା ପରେ ମୁନା ସହିତ କଥା ହୋଇ ବଡରମା ଢାବାରେ ଏକସଙ୍ଗେ ଚା’ ପିଇଥିଲେ। ଏହି ସମୟରେ ପୂର୍ବ ଯୋଜନା ଅନୁସାରେ ଜହିନ୍ଦରଙ୍କ ଚା’ରେ ନିଶାଔଷଧ ମିଶାଇ ଦେଇଥିଲେ। ଫଳରେ ସେ ଚା ପିଇବା ପରେ ଅଚେତ ହୋଇପଡ଼ିଥିଲେ। ଏହାପରେ ମୁନା ଆଲ୍ଲମ ତାଙ୍କ ପୂର୍ବ ପରିଚିତ ସଂଗ୍ରାମ ନାଏକଙ୍କ ଇଟା ଭାଟିରେ ଟ୍ରକ୍ ନେଇ ପହଞ୍ଚିଥିଲେ। ସେଠାରେ ଫେରାର ଅଭିଷେକ, ଗଣେଶ, ସଂଗ୍ରାମ ଓ ମୁନା ମିଶି ଜହିନ୍ଦରଙ୍କୁ ଅଚେତ ଅବସ୍ଥାରେ ତଣ୍ଟି ଚିପି ହତ୍ୟା କରିଥିଲେ। କାଳେ ବଞ୍ଚିଥିବ ଭାବି ପରେ ତାଙ୍କ ଉପରେ ଟ୍ରକ୍ ଚଢ଼ାଇ ଦେଇଥିଲେ। ଏହାପରେ ଇଟା ଭାଟି ପାର୍ଶ୍ୱରେ ଥିବା ଏକ ଗାତରେ ତାଙ୍କୁ ପୋତି ଦେଇଥିଲେ। ସମ୍ଭବତଃ କୌଣସି ହିଂସ୍ର ଜନ୍ତୁ ମୃତଦେହ ଗନ୍ଧ ବାରି ମାଟିତଳୁ ଟାଣି ବାହାର କରିବାକୁ ପ୍ରୟାସ କରିବା ପରେ ଘଟଣା ସାମ୍ନାକୁ ଆସିଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ କେତେକଙ୍କ ନାମରେ ଆପରାଧିକ ମାମଲା ରହିଛି। ତେବେ ଏହି ଘଟଣାରେ ଏକ ରାକେଟ୍ କାର୍ଯ୍ୟ କରୁଥିବା ଅନୁମାନ କରାଯାଉଛି। ତେଣୁ ଗିରଫ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରାଯିବ। ଜେରା ପରେ ସେମାନଙ୍କ ସହିତ ଏହି ରାକେଟ୍‌ରେ ଆଉ କିଏ ସମ୍ପୃକ୍ତ ଜଣାପଡ଼ିବ। ଅପରପକ୍ଷରେ ପଠାଯାଇଥିବା କଙ୍କାଳର ଡିଏନ୍‌ଏ ଓ ଫିଙ୍ଗର ପ୍ରିଣ୍ଟ ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ବୋଲି ଏସ୍‌ପି ଭାମୁ କହିଛନ୍ତି।

# ଜନଶୁଣାଣି ପାଇଁ ସମ୍ବଲପୁରରେ ମୁଖ୍ୟମନ୍ତ୍ରୀ

ସମ୍ବଲପୁର,୨୦।୪(ପ୍ରମୋଦ ବହିଦାର)

**ଲୋକଙ୍କ ସମସ୍ୟା ସମାଧାନ ପାଇଁ ସଙ୍କଳ୍ପବଦ୍ଧ**

ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ନୂଆଁଖାଇ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁରରେ ଜଣଶୁଣାଣି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହି ପ୍ରତିଶ୍ରୁତିକୁ ରକ୍ଷା କରି ସେ ସୋମବାର ଏଠାରେ ଜନଶୁଣାଣି କରିବାକୁ ରବିବାର ସନ୍ଧ୍ୟାରେ ସମ୍ବଲପୁର ପହଞ୍ଚିଛନ୍ତି। ସେ ଏଠାରେ ପହଞ୍ଚିବା ପରେ ସର୍ବପ୍ରଥମେ ମା’ ସମଲେଶ୍ୱରୀଙ୍କ ପୀଠ ପରିଦର୍ଶନ କରି ସନ୍ଧ୍ୟା ଆଳତୀରେ ସାମିଲ ହୋଇ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଅବସରରେ ସେ ସମଲେଶ୍ୱରୀ ମନ୍ଦିର ପରିକ୍ରମା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ବର୍ତ୍ତମାନ ରାଜ୍ୟରେ ଲୋକଙ୍କ ସରକାର ରହିଛି। ତେଣୁ ଲୋକଙ୍କ ସମସ୍ୟା ବୁଝିବାକୁ ସେ ସମ୍ବଲପୁର ଆସିଛନ୍ତି। ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ବିଭିନ୍ନ ଜିଲାରେ ସେ ଏହିଭଳି ସେ ଲୋକଙ୍କ ନିକଟରେ ପହଞ୍ଚି ଜନଶୁଣାଣି ମାଧ୍ୟମରେ ଲୋକଙ୍କ ସମସ୍ୟା ଶୁଣି ଏକ ମାସ ମଧ୍ୟରେ ସମାଧାନ କରିବାକୁ ପ୍ରୟାସ କରିବେ ବୋଲି କହିଥିଲେ। ଏହି ସମୟରେ ତାଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ଜଙ୍ଗଲ ପରିବେଶ, ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ ରାଜ୍ୟବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାଏକ, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଜାଧବ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ, ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ ମୁକେଶ କମାର ଭାମୁ, ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ ବାବୁ, ସଦସ୍ୟ ପ୍ରଫୁଲ୍ଲ କୁମାର ହୋତାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା

ସମ୍ବଲପୁର,୨୦।୪(ପ୍ରମୋଦ ବହିଦାର)

**ନିୟୋଜିତ ହେବେ ୧୮ ପ୍ଲାଟୁନ ପୋଲିସ ସୁରକ୍ଷାକର୍ମୀ**

ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପ୍ରାୟ ୧୮ପ୍ଲାଟୁନ୍ ପୋଲିସ ସୁରକ୍ଷାକର୍ମୀ ମୁତୟନ କରାଯାଇଛି ବୋଲି ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ କହିଛନ୍ତି। ଜନଅଭିଯୋଗ ଶୁଣାଣି ବେଳେ ପୋଲିସ କର୍ମଚାରୀମାନେ ସ୍ୱେଚ୍ଛାସେବୀ ଭାବେ ମଧ୍ୟ ଦାୟିତ୍ୱ ତୁଲାଇବେ । ଅଭିଯୋଗ ପ୍ରକୋଷ୍ଠକୁ ୩ଟି ପଥରେ ଲୋକଙ୍କ ପ୍ରବେଶ ଓ ପ୍ରସ୍ଥାନ ପାଇଁ ବ୍ୟବସ୍ଥା ହୋଇଛି। ବରଗଡ଼, ଝାରସୁଗୁଡ଼ା ଓ ସୋନପୁର ପଟରୁ ଆସିବାକୁ ଥିବା ଅଭିଯୋଗକାରୀଙ୍କ ପାଇଁ ଭିନ୍ନ ଭିନ୍ନ ପଥର ବ୍ୟବସ୍ଥା କରାଯାଇଛି। ପାର୍କିଂ ପାଇଁ ରେଳଲାଇନ ପାର୍ଶ୍ୱ ଏସ୍‌ଡିଏ ପଡ଼ିଆରେ ବ୍ୟବସ୍ଥା କରାଯାଇଛି । ସୋମବାର ସକାଳ ୮ଟାରୁ ଜନ ଅଭିଯୋଗ ଶୁଣାଣି ଆରମ୍ଭ ହେବ। ଏଥିରେ ୮ ଜିଲାର ଜିଲାପାଳ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ସମ୍ବଲପୁର ଜିଲାର ଅଧିକାରୀଙ୍କ ସମେତ ପଶ୍ଚିମ ଓଡ଼ିଶାର ସମସ୍ତ ଜିଲାରୁ ୪ରୁ ୫ଜଣ ଲେଖାଏ ପୋଲିସ ଅଧିକାରୀ ଆସିବେ ବୋଲି ଆରକ୍ଷୀ ଅଧୀକ୍ଷକ ଭାମୁ କହିଛନ୍ତି।

# ଷଡବଂଶୀୟ ଗଣ୍ଡ ସମାଜର ବାର୍ଷିକ ଅଧିବେଶନ

ନାକଟିଦେଉଳ,୨୦।୪(ବୈକୁଣ୍ଠନାଥ ସାହୁ)

ଷଡବଂଶୀୟ ଗଣ୍ଡ ସମାଜ ପଞ୍ଚପାଲିଗୁଡି ନାକଟିଦେଉଳର ବାର୍ଷିକ ଅଧିବେଶନ ସ୍ଥାନୀୟ ତିଲେଇମାଳ ଆମ୍ବତୋଟାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗଣ୍ଡ ମାନଙ୍କର ଆରାଧ ଦେବତା ଶ୍ରୀ ଜଙ୍ଘା ବଡଦେଓଙ୍କର ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପଞ୍ଚପାଲିଗୁଡ଼ିର ମହାସଚିବ ଗୁରୁଚରଣ ନାଏକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସ୍ଥାୟୀ ସଭାପତି ଯଦୁମଣି ପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ନାକଟିଦେଉଳ ବ୍ଲକର ପୂର୍ବତନ ମହାସଚିବ ଜଗନ୍ନାଥ ଦେହୁରୀ, ଉପଦେଷ୍ଟା ରଣଜିତ ଭୋଇ, ସମାଜସେବୀ ରମେଶ ପ୍ରଧାନ, ଜିଏସ୍‌ୟୁ ପରାମର୍ଶଦାତା ସୁଭାଷ ଚନ୍ଦ୍ର ନାୟକ, ଉପସଭାପତି ଗୋପବନ୍ଧୁ କୁମୁରା ଗଣ୍ଡ ଜାତିର ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ରୀତିନୀତି ବିଷୟରେ ଆଲୋକପାତ କରିବା ସହିତ ଗଣ୍ଡ ସମାଜର ଉତ୍ଥାନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ପୂର୍ବତନ ରାୟବରିହା ନାରଦ ମଲ୍ଲିକ, ରାୟବରିହା ପ୍ରସନ୍ନ ମାଝୀ, ରତ୍ନାକର ଦେହୁରୀ, ବୃନ୍ଦାବନ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ବାର୍ଷିକ ଆୟବ୍ୟୟର ହିସାବ ଯଦୁମଣି ପାତ୍ର ପ୍ରଦାନ କରିଥିଲା। ଗଣେଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୁଜିତ ନାଏକ, ଦଣ୍ଡଧର ନାଏକ, ରଘୁନାଥ ଦେହୁରୀ, ଗଣେଶ ପାତ୍ର, ସଞ୍ଜୟ ସିଂ, ରବିନାରାୟଣ ନାଏକ ପ୍ରମୁଖଙ୍କ ସହ ୩୦୦ ଜଣ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଷଡବଂଶୀୟ ଗଣ୍ଡ ସମାଜ ସଦସ୍ୟ।

# ପବ୍ଲିକ ଲାଇବ୍ରେରୀରେ ଯୁବପ୍ରସ୍ତୁତି କାର୍ଯ୍ୟକ୍ରମ



ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟାରେ ଅନୁଷ୍ଠିତ ଯୁବ ପ୍ରସ୍ତୁତି କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ କର୍ମକର୍ତ୍ତାମାନେ।

ସମ୍ବଲପୁର,୨୦।୪(ବି.ଶଙ୍କର)

ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି କାର୍ଯ୍ୟକ୍ରମ ରବିବାର ପୂର୍ବାହ୍ନରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟାରେ ଆରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମ ଆୟୋଜକ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ଅଧ୍ୟକ୍ଷ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପ୍ରଫେସର ଶଙ୍କରପ୍ରସାଦ ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜକ ରାଜେନ୍ଦ୍ର ପଣ୍ଡା ସମସ୍ତ ଅତିଥି ଓ ନୂତନ ପ୍ରଶିକ୍ଷାର୍ଥୀମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ୨୨ଟି ହାଇସ୍କୁଲରୁ ମୋଟ ୮୧ ଜଣ ଛାତ୍ରୀଛାତ୍ର, ୨୦ ଜଣ ବିଦ୍ୟାଳୟ ମୁଖ୍ୟ ଓ ଅନେକ ସଂଖ୍ୟାରେ ଅଭିଭାବକ ଯୋଗଦେଇଥିଲେ । ବିଦ୍ୟାଳୟ ମୁଖ୍ୟଙ୍କ ମଧ୍ୟରେ ସୁମିତା ପତ୍ରୀ ଓ ଦୀପାଲି ଚୌଧୁରୀ କାର୍ଯ୍ୟକ୍ରମ ସମ୍ବନ୍ଧରେ ସେମାନଙ୍କ ଅନୁଭୂତି ଉଲ୍ଲେଖ କରିଥିଲେ। ଲାଇବ୍ରେରୀର ବରିଷ୍ଠ ସଭ୍ୟ ଅର୍ଜ୍ଜୁନ ରଞ୍ଜନ ପଣ୍ଡା, ପ୍ରଫେସର ସେବକ ତ୍ରିପାଠୀ, ଡ.ଗିରିଧାରୀ ହୋତା, ପ୍ରଫେସର ମୀନକେତନ ପାଠୀ, ଡାକ୍ତର ଜୟଦେବ ମେହେର, ଇଞ୍ଜିନିୟର ବିଭୂତି ନାରାୟଣ ମାଝୀ ଉପସ୍ଥିତ ଥିଲେ । ସଭ୍ୟ ଶିବଶଙ୍କର ଷଡଙ୍ଗୀ, ଗୋଲକ ବିହାରୀ ମିଶ୍ର, ପ୍ରଦୀପ ପଣ୍ଡା, ପ୍ରଫୁଲ୍ଲ ହୋତା, ପୃଥ୍ୱୀରାଜ ମିଶ୍ର, ଉଦିତ ପାଟଯୋଶୀ, ବିଜୟ କୁମାର ସାହୁ, ଜୁଲୁ କୁମୁରା ପରିଚାଳନାରେ ସହଯୋଗ କରିଥିଲେ। ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର ଧନ୍ୟବାଦ ଦେଇଥିଲେ । ସୂଚନାଯୋଗ୍ୟ ଯେ, ଆସନ୍ତା ଏପ୍ରିଲ ୨୭ତାରିଖରୁ ସକାଳ ୭ ଟାରୁ ୯ ଟା ପର୍ଯ୍ୟନ୍ତ ଦୁଇଟି ଅଧିବେଶନରେ ପ୍ରତ୍ୟେକ ରବିବାର କାର୍ଯ୍ୟକ୍ରମ ହେବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ ସୂଚିତ କରାଯାଇଛି ।

# ଭାଜପାର ସକ୍ରିୟ ସଦସ୍ୟ ସମ୍ମିଳନୀ

କୁଚିଣ୍ଡା,୨୦।୪(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଟାଉନ ହଲରେ ରବିବାର କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଭାଜପାର ସକ୍ରିୟ ସଦସ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗୁଦଗୁଦା ମଣ୍ଡଳ ସଭାପତି ଚୂଡ଼ାମଣି ମାକର ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଶୁଶିଳ କର, ରୁଦ୍ର ପ୍ରତାପ ଦେଓ, ବିଭୂତି କଲ୍ୟାଣ ପଟେଲ ଯୋଗଦେଇ ଓଡ଼ିଶା ସରକାରଙ୍କ ୯ମାସରେ ହୋଇଥିବା ଲୋକପ୍ରିୟ ସଫଳତା ଓ ଉପଲବ୍ଧି ସମ୍ପର୍କରେ ଆଲୋଚନା କରି ସଙ୍ଗଠନ ସୁଦୃଢ଼ କରିବାକୁ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ଜିଲା ଉପସଭାପତି ବିରେନ୍ଦ୍ର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ସମୁଦାୟ ୭ଟି ମଣ୍ଡଳର ସଭାପତି, ସମସ୍ତ ମୋର୍ଚ୍ଚା ସଭାପତି, ପୂର୍ବତନ ମଣ୍ଡଳ ସଭାପତି, ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସମେତ ୩୧୭ ଜଣ ସକ୍ରିୟ ସଦସ୍ୟ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବାମରା ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୁରୁଆ, ଜେମାଦେଇ ମାଝି, ଅନୁପମା ନାୟକ, ପୂର୍ବତନ କାଉନସିଲର କୁଞ୍ଜଲତା ନାଏକ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଗାୟତ୍ରୀ ଚାଲାନ, ଜପ୍ନା ପଟେଲ, ପୂଜା ନାଏକ, ମଣ୍ଡଳ ସଭାପତି ବିଜୟ ନାଏକ, ପ୍ରାଣବନ୍ଧୁ ନାଥ, ରାଜ କୁମାର ରକ୍ସା, ବାବୁଲୁ ସାହୁ, ବିଷ୍ଣୁ ଅଗ୍ରୱାଲ, ପୂର୍ବତନ ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ,ଦୁଷ୍ମନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଡାକସେବକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନାକଟିଦେଉଳ,୨୦।୪(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ଉପ ଡାକଘରର ଗ୍ରାମୀଣ ଡାକ ସେବକ ଜନ୍ମେଜୟ ପଣ୍ଡାଙ୍କୁ ରବିବାର କାର୍ଯ୍ୟାଳୟ ଅଧୀନ ସମସ୍ତ କର୍ମଚାରୀଙ୍କ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜଗନ୍ନାଥ ପ୍ରସାଦସ୍ଥିତ ଏକ ଘରୋଇ ଫାର୍ମ ହାଉସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନାକଟିଦେଉଳ ଉପ ଡାକଘରର ସବ ପୋଷ୍ଟମାଷ୍ଟର ଦେବରାଜ ସାହୁ, ନାକଟିଦେଉଳ ପୋଷ୍ଟ ଅଫିସର ଡାକ ସେବକ ଡୋଳାମଣି ସ୍ୱାଇଁ, ଯାମୁଯୋରୀ ପୋଷ୍ଟ ଅଫିସର ଶାଖା ଉପ ଡାକପାଳ ଅଶ୍ୱିନୀ କୁମାର ପ୍ରଧାନ, ସରାପାଲି ଶାଖା ଡାକପାଳ ଜୟଦୀପ ସାହୁ ଯୋଗଦେଇ ଅବସର ଗ୍ରହଣ କରିଥିବା ଡାକସେବକ ପଣ୍ଡାଙ୍କକାର୍ଯ୍ୟଦକ୍ଷତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ତାଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନାକଟିଦେଉଳ ଡାକ ସେବକ ଛବିଳ କୁମାର ପ୍ରଧାନ, କେଲୋ ବଲମ ଶାଖା ଡାକପାଳ ଅଞ୍ଜନ କୁମାର ସାହୁ, ଯାମୁଯୋରୀ ଶାଖା ଡାକପାଳ ରମେଶ ପ୍ରଧାନ, ବାଟଗାଁ ଶାଖା ଉପ ଡାକପାଳ ରାକେଶ ମହାରଣା, କେଲୋ ବଲମ ଶାଖା ଉପ ଡାକପାଳ ତପନ କୁମାର କିସାନ ଯୋଗ ଦେଇଥିଲେ।

# ବଜ୍ରପାତରେ ଚାଷୀଙ୍କ ୪ଗୋରୁ ମୃତ

କୁଚିଣ୍ଡା,୨୦।୪(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅର୍ଦ୍ଧାବାହାଲ ପଞ୍ଚାୟତ ନାଗଡିହି ଗ୍ରାମରେ ଶନିବାର ରାତିରେ ବଜ୍ରପାତରେ ସନ୍ତୋଷ ଭଇଁଷାଙ୍କ ୪ଟି ଗୋରୁଙ୍କ ମୃତ୍ୟୁ ଘଟିଛି। କୁଚିଣ୍ଡା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ପ୍ରବଳ ଝଡପବନ ଓ ଘଡଘଡି ସହ କୁଆପଥର ମାଡ ହୋଇଥିଲା। ଏଥିରେ ସନ୍ତୋଷଙ୍କ ୪ଟି ଗୋରୁ ବର୍ଷା ପବନ ଯୋଗୁଁ ଆସି ନ ପାରି ଘର ପାଖରେ ଥିବା ଏକ ମହୁଲ ଗଛ ମୂଳରେ ଆଶ୍ରୟ ନେଇଥିଲେ। ହଠାତ ବଜ୍ରପାତ ହେବାରୁ ସମସ୍ତ ୪ ଗୋରୁଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ୩ଟି ଦୁହାଳିଆ ଗାଈ ଓ ଗୋଟିଏ ଛଡା ରହିଥିଲା। ଧାର କରଜ କରି ଦେଢ ଲକ୍ଷ ଟଙ୍କାରେ ସନ୍ତୋଷ ୩ଟି ଗାଈ କିଣି ଦୁଗ୍ଧ ବେପାର କରି ପରିବାର ପ୍ରତିପୋଷଣ କରୁଥିଲେ। ଗାଈ ମୃତ୍ୟୁ ପରେ ଋଣ ଓ ପରିବାର ଚଳାଇବା ଚିନ୍ତାରେ ସନ୍ତୋଷ ଭାଙ୍ଗି ପଡିଛନ୍ତି।





ମୃତ ୪ ଗୋରୁ।

# ୟୁଏଏସ ପୋର୍ଟାଲକୁ ବିରୋଧ

ସମ୍ବଲପୁର,୨୦।୪(ବି.ଶଙ୍କର)




କାର୍ଯ୍ୟକାରିଣୀ ବୈଠକରେ ନେତୃବୃନ୍ଦ।

**ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ କାର୍ଯ୍ୟକାରିଣୀ ବୈଠକ**

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେଶନର (୫-ଖାରବେଳ ନଗର)ର ସମ୍ବଲପୁର ଜିଲା କାର୍ଯ୍ୟକାରିଣୀ ବୈଠକ ରବିବାର ବୁଢାରାଜା ବାଳିକା ବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଫେଡରେଶନର ରାଜ୍ୟ ସାଧାରଣ ସମ୍ପାଦକ ବବ୍ରୁବାହାନ ଭୋଇ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଛାତ୍ରୀଛାତ୍ରମାନଙ୍କ ଆଇଡି ନିର୍ମାଣ ବେଳେ ଅନେକ ପିଲାଙ୍କ ଆଧାର କାର୍ଡ ନ ଥିବାରୁ ବାଧା ସୃଷ୍ଟି ହେଉଛି । ଏଣୁ ସରକାର ପ୍ରଥମେ ସ୍କୁଲରେ ପିଲାଙ୍କ ଆଧାରକାର୍ଡ ପାଇଁ କ୍ୟାମ୍ପ କରନ୍ତୁ ଓ ଅଭିଜ୍ଞତା ଥିବା ବ୍ୟକ୍ତିଙ୍କୁ ଏଥିରେ ନିଯୁକ୍ତ କରାଯାଉ। ଅଯଥା ଶିକ୍ଷୟିତ୍ରୀଶିକ୍ଷକଙ୍କ ଦରମା ବନ୍ଦ ଭଳି ଭାଷା ପ୍ରୟୋଗ କରି ମାନସିକ ଚାପ ସୃଷ୍ଟି ନ କରାଯାଉ ବୋଲି ଶିକ୍ଷକ ନେତୃବୃନ୍ଦ ଆଲୋଚନାରେ ମତବ୍ୟକ୍ତ କରିଛନ୍ତି। ସେହିପରି ଶିଶୁ ବଟିକା ପ୍ରାଥମିକ ବିଦ୍ୟାଳୟରେ ମିଶିବା ସ୍ୱାଗତଯୋଗ୍ୟ। କିନ୍ତୁ ଏହା ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା ବରିବା ସହ ଯେମିତି ଭିତ୍ତିଭୂମି, ଶିକ୍ଷକ ଓ କେୟାର ଟେକରର ବ୍ୟବସ୍ଥା କରିବାକୁ ବୈଠକରେ ଦାବି ହୋଇଛି। ଅପରପକ୍ଷେ ୟୁଏଏସ(ୟୁନିଫାଏଡ ଅଟୋନେଶନ ସିଷ୍ଟମ) ପୋର୍ଟାଲକୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେଶନ ପକ୍ଷରୁ ବିରୋଧ କରାଯାଇଛି । ସରକାରଙ୍କ ପକ୍ଷରୁ ପ୍ରଥମେ ଭିତ୍ତିଭୂମି ନିର୍ମାଣ କରାଯାଉ, ଉପଯୁକ୍ତ କ୍ୟାମ୍ପ କରି ଟ୍ରେନିଂ ଦିଆଯିବା ସହ ଲାପଟପ/ମୋବାଇଲ ଯୋଗାଇ ଦିଆଯିବାକୁ ଅନୁରୋଧ କରାଯାଇଛି। ଏଥିସହ ଷଷ୍ଠ ବେତନ ହାରକୁ ସଂଶୋଧନ କରି କେନ୍ଦ୍ରୀୟ ହାରରେ ଦରମା ଦିଆଯାଉ ଓ ପୁରୁଣା ପେନସନକୁ ଲାଗୁ କରିବା, କଟକ ଓ ଭୁବନେଶ୍ୱରରେ ଯେପରି ଅକ୍ଷୟ ଫାଉଣ୍ଡେଶନ ସମସ୍ତ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଯୋଗାଉଛି ସେହିପରି ସମ୍ବଲପୁରରେ ମଧ ଏକ ଭଲ ସଂସ୍ଥାକୁ ସମସ୍ତ ବିଦ୍ୟାଳୟର ମଧ୍ୟାହ୍ନଭୋଜନ ଦେବା ଦାୟିତ୍ୱ ଦିଆଯାଉ ବୋଲି ଶିକ୍ଷକ ପ୍ରତିନିଧିମାନେ ବୈଠକରେ ଦାବି ଉପସ୍ଥାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ସଭାନେତ୍ରୀ ଜୋସ୍ନାମୟୀ ଦାଶ, ରାଜ୍ୟ ସମୀକ୍ଷକ ମହେଶ୍ୱର ସାହୁ, ପରିଷଦ ସଭ୍ୟ ଜୟନ୍ତୀ ଦେବତା, ରଞ୍ଜୁରାଣୀ ପଟ୍ଟନାୟକ, ମାଳା ଡାଏରି, ସୁଜାତା ସ୍ୱାଇଁ, ଶାନ୍ତନା ଷଡଙ୍ଗୀ, ରାଧେଶ୍ୟାମ ରଣା ଓ ବରିଷ୍ଠ ଶିକ୍ଷକ ଦିଲ୍ଲୀପ ତ୍ରିପାଠୀ ଆଲୋଚନାରେ ଭାଗ ନେଇଥିଲେ।

